ମାନବିକ ଅଧିକାର ସମ୍ବନ୍ଧୀୟ ନାଗରିକ ସଙ୍ଗଠନ / ସିଭିଲ ସୋସାଇଟି ଫୋରମ ଅନ୍ ହ୍ୟୁମାନ୍ ରାଇଟସ୍ ଆନୁକୂଲ୍ୟରେ .....

# ବିଷୟସୂଚୀ


୧.ମହିଳାମାନଙ୍କ ଉପରେ ହିଂସା

- ସ୍ତ୍ରୀକୁ ୩୦୦ ଖଣ୍ଡ.
- ବୋହୁକୁ ପୋଡି ହତ୍ୟା ଉଦ୍ୟମ, ଶାଶୁ ଗିରଫ.
- ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଫେରାର.
- ପ୍ରତିବାଦ କରିବାରୁ ଦଳିତ ମହିଳାଙ୍କୁ ଆକ୍ରମଣ.
- ନିଆଁରେ ପୋଡି ମହିଳା ମୃତ .
- ନବ ବଧୂଙ୍କୁ ନିର୍ଯ୍ୟାତନା ଅଭିଯୋଗ.
- ମହିଳାଙ୍କୁ ଗାଁ ଦାଣ୍ଡରେ ହତ୍ୟା.
- ଯୁବତୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର.

୨. ଶିଶୁମାନଙ୍କ ଅଧିକାର ଉପରେ ହିଂସା.

- କୋରାପୁଟରୁ ୭୭୮୫ ଶିଶୁ ଶ୍ରମିକ ନିଖୋଜ.
- ନାବାଳିକା ସହ ଦୁଷ୍କର୍ମ, ଯୁବକ ଗିରଫ .
- ନାବାଳିକାକୁ ବୀଭତ୍ସ ହତ୍ୟା .
- ନାବାଳିକାଙ୍କ ଅଶ୍ଳୀଳ ଭିଡି ଓତୋଳନ କରି ବ୍ଲାକ ମେଲିଂ .
- ଆବାସିକ ବିଦ୍ୟାଳୟରେ ନାମ ଲେଖା ପ୍ରଲୋଭନ, ଆଦିବାସୀ ପିଲାଙ୍କୁ ଠକି ଦଲାଲ ପାର.
- +୨ ଇନଷ୍ଟିଟ ପରିକ୍ଷା ଦେଇପାରିଲେନି ଛାତ୍ର.
- ସ୍କୁଲରେ ତାଲା, ଗଛମୂଳେ ପାଠ ପଢା.
- ନଳକୂଅ ଅଚଳ, ଛାତ୍ର ଛାତ୍ରୀ ହନ୍ତସନ୍ତ.
- ସ୍କୁଲ ଛାତ ଭୁଷୁଡିଲା,ଅଳ୍ପକେ ବର୍ତିଲେ ଛାତ୍ରଛତ୍ରୀ.
- ନର୍ସରୀ ଛାତ୍ରୀଙ୍କୁ ଦୁଷର୍ମ ଅଭିଯୋଗ, ୫ ଅଟକ.

୩. ହାଜତରେ ମୃତ୍ୟୁ/ପୋଲିସର ଅତ୍ୟାଚାର.

- କମିସନରେଟ ପୁଲିସର ବିଚିତ୍ର ନୀତି, ଯୁବକଙ୍କୁ ବେଡି.

- ଚାକିରୀ ଦେବା ନାଁରେ ଠକେଇ, ଥାନାରୁ ମହିଳା କନେଷ୍ଟବଳ ଗିରଫ.
- ଯବାନଙ୍କ ମାଡରେ ଯବାନ ଆହାତ.

୪. ବିକାଶ ପାଇଁ ବିନାଶ.

- ପୋସ୍କୋ ପାଇଁ ଆଶାର କିରଣ.
- ୨୨ ଜୁନକୁ କାଳାଦିବସ ରୁପେ ପାଳିବ ଜନ ସଂଘର୍ଷ ମଂଚ.
- ଇନ୍ଦ୍ର ବାରାଥରେ ବେଆଇନ ନିର୍ମାଣ.
- ପୋସ୍କୋ ପାଇଁ ଅଧିଗ୍ରହଣ ଜାରି, ପୁଣି ଭାଙ୍ଗିଲା ୧୮ ପାନ ବରଜ.
- ପୋସ୍କୋ ପାଇଁ ବଳପୂର୍ବକ ଜମି ଅଧିଗ୍ରହଣ, ପୁଲିସର ଲାଠିମାଡରେ ୧୩ ଆହାତ.
- ଆଠ ବର୍ଷ ହେଲା ଛୁଇଁ ନାହାନ୍ତି ଅକ୍ଷିମୁଠି, ଚାଷୀଙ୍କ ଜମିରେ କମ୍ପାନୀ ହାକିମ.

୫. କମିଶନଙ୍କ ସମ୍ପର୍କିତ ଖବର.

- ସାମ୍ବାଦିକଙ୍କୁ ବଡ ମେଡିକାଲ ମନା, ମାନବାଧିକର କମିଶନରେ ମାମଲା



# ସ୍ତ୍ରୀକୁ ୩୦୦ ଖଣ୍ଡ

ଭୁବନେଶ୍ୱର,୨୧।୬(ଇମିସ): ପତ୍ନୀକୁ ଅତ୍ୟନ୍ତ ବୀଭତ୍ସ ଭାବେ ହତ୍ୟା କରିଛି ସ୍ୱାମୀ। ହତ୍ୟା କରିବା ପରେ ପ୍ରମାଣ ଲୁଚାଇବାକୁ ଯାଇ ଶରୀରକୁ ୩ଶହ ଖଣ୍ଡ କରି ସେଥିରେ କେମିକାଲ୍ ଗୋଳାଇ ଏକ ବାକ୍ସରେ ଭର୍ତି କରିଛି। ପରେ ସବୁଦିନ

## ରାଜଧାନୀରେ ନୃଶଂସ ହତ୍ୟା

ପଲିଥିନ୍‌ରେ ଖଣ୍ଡେ ଖଣ୍ଡେ ଟୁକୁଡ଼ାକୁ ନେଇ ଡ୍ରେନ୍‌ରେ ପକାଇଛି। ମୃତ ମହିଳାଙ୍କ ସମ୍ପର୍କୀୟମାନେ ଖୋଜାଖୋଜି କରିବା ପରେ ଏଭଳି ଏକ ନରକୀୟ ଏବଂ ଲୋମଟାଙ୍କୁରା ହତ୍ୟାକାଣ୍ଡ ପଦାକୁ ଆସିଛି। ତା ପୁଣି ରାଜଧାନୀ ଭୁବନେଶ୍ୱରରେ। ମୃତ ମହିଳାଙ୍କ ନାଁ ଉଷାଶ୍ରୀ ପରିଡ଼ା(୬୦)। ନୂଆପଲ୍ଲୀର ଏନ୍‌୧/୧୦ ଘରେ ଏହି ଘଟଣା ଘଟିଛି। ପୁଲିସ ଉକ୍ତ ମହିଳାଙ୍କ ସ୍ୱାମୀ ଡ. ସୋମନାଥ ପରିଡ଼ା(୭୨)ଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ସୋମନାଥ ଆର୍ମିର ଜଣେ ଅବସରପ୍ରାପ୍ତ କର୍ଣ୍ଣେଲ୍ ବୋଲି ଜଣାପଡିଛି।

ମିଳିଥିବା ସୂଚନା ମୁତାବକ ଉଷାଶ୍ରୀ ଓ ସୋମନାଥଙ୍କ ପୁଅ ଡ. ଲଳିତ ପରିଡ଼ା ଆମେରିକାରେ ରହୁଥିବାବେଳେ ଝିଅ ଦୁବାଇରେ ରହନ୍ତି। ଦୁହେଁ ଗତ କିଛି ଦିନ ହେବ ମା' ଉଷାଶ୍ରୀଙ୍କ ସହିତ ଯୋଗାଯୋଗ କରି ପାରୁ ନ ଥିଲେ। ଏ ନେଇ ଦୁହେଁ ଆଜି ସକାଳୁ କଟକରେ ରହୁଥିବା ମାମୁଁ ଗୌତମ ସାମଲଙ୍କୁ ଫୋନ୍ କରି ଜଣାଇଥିଲେ। ଗୌତମ ଭୁବନେଶ୍ୱରରେ ରହୁଥିବା ସାନଭାଇ ରଂଜନଙ୍କୁ ଏ କଥା କହିଥିଲେ। ଆଜି ସଂଧ୍ୟାରେ ରଂଜନଙ୍କ ପୁଅ ଶାଶ୍ୱତ ସ୍ୱରୂପ ସାମଲ୍ ନୟାପଲ୍ଲୀ ଯାଇଥିଲେ। ସେତେବେଳେ ଘରୁ ଦୁର୍ଗନ୍ଧ ବାହାରୁଥିଲା। ସେ କବାଟ ବାଡ଼େଇଥିଲେ ମଧ୍ୟ କେହି କବାଟ ଖୋଲି ନ ଥିଲେ। ଏ ନେଇ ସେ ତୁରନ୍ତ ବାପା ରଂଜନଙ୍କୁ ଜଣାଇଥିଲେ। ରଂଜନ ନୟାପଲ୍ଲୀ ଥାନାରେ ପହଞ୍ଚି ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି କବାଟ ବାଡ଼େଇ ଭିତରକୁ ପଶିଥିଲା।

➥ ୯

# ସ୍ତ୍ରୀକୁ ୩୦୦ ଖଣ୍ଡ...

ସେତେବେଳେ ସୋମନାଥ ଘର ଭିତରେ ଚୁପଚାପ ବସିଥିଲେ । ଘର ଭିତରେ ଥିବା ଏକ ବାକ୍ସରେ ଉଷାଶ୍ରୀଙ୍କ ମୃତଦେହ ଖଣ୍ଡ ଖଣ୍ଡ ଟୁକୁଡ଼ା କରି ରଖାଯାଇଥିଲା । ପୁଲିସ ସୋମନାଥଙ୍କୁ ଗିରଫ କରି ଥାନାକୁ ନେଇଥିଲା । ତାଙ୍କୁ ପଚରାଉଚରା ଚାଲିଛି ।

ପୁଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ମାସ ୩ ତାରିଖରୁ ଏହି ହତ୍ୟାକାଣ୍ଡ ଘଟିଛି । ମୃତ ଶରୀରକୁ ଏକ ଚାପଡ଼ରେ ହଣା ଯାଇଛି । ସୋମନାଥ ଜଣେ ମାଂସ କଟାଳିକୁ ଘରକୁ ଡ଼ କାଇ ମୃତଦେହକୁ ଏପରି ଖଣ୍ଡ ଖଣ୍ଡ କରିଥିବା ପୁଲିସ କହିଛି । ଗନ୍ଧ ନ ହେବା ଲାଗି ସେଥିରେ କେମିକାଲ୍ ମଧ୍ୟ ଗୋଳାଇଛନ୍ତି । ହତ୍ୟାକାଣ୍ଡ ପରଠାରୁ ସେ ଖଣ୍ଡବିଖଣ୍ଡିତ ଶରୀରକୁ ଏକ ଜରିରେ ଭର୍ତି କରି ଘର ନିକଟ ଏକ ଡ୍ରେନ୍‌ରେ ଫିଙ୍ଗିଛନ୍ତି । ପୁଲିସ ଏବେ ସଂପୃକ୍ତ ମାସଂ କଟାଳିକୁ ଗିରଫ କରିବା ଲାଗି ବିଭିନ୍ନ ସ୍ଥାନରେ ଚଢ଼ଉ ଆରମ୍ଭ କରିଛି । ପୁଲିସ ଘଟଣାର ତଦନ୍ତ ସାଇଣ୍ଟିଫିକ୍ ଟିମ୍ ସହିତ ଆରମ୍ଭ କରିଛି ।

ଖବର ପାଇ ବିଦେଶରେ ରହୁଥିବା ପୁଅ ଏବଂ ଝିଅ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ତେବେ କେଉଁ କାରଣ ଯୋଗୁ ଏଭଳି ନରକୀୟ ହତ୍ୟାକାଣ୍ଡ ଘଟିଲା ସେ ନେଇ ପୁଲିସ କିଛି ବି ସ୍ପଷ୍ଟ କରି ପାରିନାହିଁ ।

# ବୋହୂକୁ ପୋଡ଼ି ହତ୍ୟା ଉଦ୍ୟମ: ଶାଶୂ ଗିରଫ

ପୁରୀ, ୨୧/୬(ଇମିସ): ବିବାହର ପନ୍ଦର ଦିନ ପରେ ଜଣେ ବୋହୂକୁ ନିଆଁରେ ପୋଡ଼ି ଜୀବନରେ ମାରିଦେବା ପାଇଁ ଉଦ୍ୟମ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ତାଙ୍କ ଶାଶୂକୁ ଗିରଫ କରିଛି । ସେହିପରି କଟକ ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଥିବା ସସ୍ମିତା ଦିକ୍ଷିତଙ୍କୁ ଯୌତୁକରେ ଦିଆ ଯାଇଥିବା ଜିନିଷପତ୍ରକୁ ପୁଲିସ ଜବତ କରି ତାଙ୍କ ବାପାଙ୍କ ଜିମାରେ ଦେଇଥିବା ଜଣାପଡ଼ିଛି । ତେବେ ଏଥିମଧ୍ୟରୁ ସସ୍ମିତା ଯୌତୁକରେ ନେଇଥିବା ସୁନା ଅଳଙ୍କାରଗୁଡ଼ିକ ତାଙ୍କ ଶାଶୂଘର ଲୋକେ ନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି ।

ପୁଲିସ ଆଜି ପୂର୍ବାହ୍ନରେ ସସ୍ମିତାଙ୍କ ଶାଶୂଘରେ ପହଞ୍ଚି ସମସ୍ତ ଜିନିଷପତ୍ର ଜବତ କରିବା ସମୟରେ ତାଙ୍କର ଘରୁ ସମସ୍ତେ ଫେରାର ହୋଇଯାଇଥିଲେ । ସେହିପରି ଏହି ଘର ଭିତରକୁ ପୁଲିସ ତାଲା ଭାଙ୍ଗି ପଶିଥିବା ବେଳେ ଏଠାରେ ଅଗ୍ନିକାଣ୍ଡର ପ୍ରମାଣ ନଷ୍ଟକରି ଦେବାକୁ ଉଦ୍ୟମ ହୋଇଥିବା ପ୍ରାଥମିକ ପର୍ଯ୍ୟାୟରେ ତଦନ୍ତ ସମୟରେ ପୁଲିସ ଜାଣିପାରିଛି । ତେଣୁ ଆଗାମୀ ଦିନରେ ସସ୍ମିତାଙ୍କର ଶାଶୂଘର ଲୋକମାନଙ୍କ ବିରୋଧରେ ପ୍ରମାଣ ନଷ୍ଟ କରିଦେବା ଅଭିଯୋଗ ମଧ୍ୟ ହୋଇଛି ।

ଖବର ନେବାରେ ଜଣାପଡ଼ିଛି ଯେ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଟାଉନ ଥାନା ଅନ୍ତର୍ଗତ କାଳିକାଦେବୀ ସାହି ନିବାସୀ ଗଣେଶ୍ୱର ମହାପାତ୍ରଙ୍କ ପତ୍ନୀ ସସ୍ମିତା ଦିକ୍ଷିତ(୨୦) ଏକ ଅଗ୍ନିକାଣ୍ଡରେ ଗୁରୁତର ଆହତ ହୋଇଥିଲେ । ତାଙ୍କ ଦେହରୁ କିରୋସିନି ଗନ୍ଧ ହେଉଥିବାରୁ ଅଧିକ ଯୌତୁକ ପାଇଁ ତାଙ୍କୁ ଜୀବନରେ ମାରିଦେବା ପାଇଁ ଉଦ୍ୟମ ହୋଇଥିଲା ବୋଲି ଅଭିଯୋଗ ହୋଇଛି । ସସ୍ମିତାଙ୍କର ବାପା ଜଗତସିଂପୁର ଜିଲ୍ଲା ରଘୁନାଥପୁର ଥାନା ଅନ୍ତର୍ଗତ ଗୁଆଳିପଡ଼ା ନିବାସୀ ରାଜ କିଶୋର ଦିକ୍ଷିତ ଏ ସମ୍ପର୍କରେ ପୁରୀ ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ସସ୍ମିତାଙ୍କ ଶାଶୂ ତିଳୋତ୍ତମା ମହାପାତ୍ର(୫୧)ଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି ।

# ସ୍ତ୍ରୀକୁ ହତ୍ୟା କରି ସ୍ୱାମୀ ଫେରାର

ଢେଙ୍କାନାଳ,୨୦।୬(ଇମିସ): ଢେଙ୍କାନାଳ ସଦର ଥାନା ନରଣପୁର ଗ୍ରାମରେ ଜଣେ ଯୁବକ ତାର ପତ୍ନୀକୁ ହତ୍ୟା କରି ଘରେ ତାଲା ପକାଇ ଫେରାର ହେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ନରଣପୁର ଗ୍ରାମର ନିରଞ୍ଜନ ଦାସ ୭ ବର୍ଷ ତଳେ ଶାଙ୍କୁଲେଇ ଗ୍ରାମର ରଂଜନୀ ଦାସ (୨୮)ଙ୍କୁ ବିବାହ କରିଥିଲେ। ସେମାନଙ୍କର କୌଣସି ସନ୍ତାନସନ୍ତତି ନଥିବା ବେଳେ ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ଝଗଡା ହୁଏ। ୩ ଦିନ ତଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ରାତିରେ ନିରଞ୍ଜନ ଘରେ ତାଲା ପକାଇ କେଉଁ ଆଡେ ପଳାଇ ଯାଇଥିଲେ। ତା ପର ଦିନ ସକାଳେ ଘରେ ତାଲା ପଡିଥିବା ଦେଖି ପଡୋଶୀମାନେ ନିରଞ୍ଜନ ଓ ରଜନୀ କେଉଁଆଡେ ଯାଇଥିବା ଅନୁମାନ କରିଥିଲେ। ଆଜି ସକାଳେ ଘର ଭିତରୁ ଦୁର୍ଗନ୍ଧ ବାହାରିବାରୁ ଗ୍ରାମବାସୀ ଘରର ତାଲା ଭାଙ୍ଗିଥିଲେ। ଭିତରେ ରଜନୀ ମରି ପଡିଥିବା ଦେଖିବାକୁ ମିଳିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ରଜନୀଙ୍କ ଭାଇ ସହଦେବ କାଣ୍ଡିଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ପ୍ରତିବାଦ କରିବାରୁ ଦଳିତ ମହିଳାଙ୍କୁ ଆକ୍ରମଣ

## ଘରଦାଣ୍ଡ ରାସ୍ତାକୁ ଅବରୋଧ

ଓଡ଼ଗାଁ,୧୯।୬(ଇମିସ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚୁମୁ ପଞ୍ଚାୟତର ଭାଲିଆଡିହି ଗାଁରେ ଗୋଟିଏ ଦଳିତ ପରିବାରର ଘରଦାଣ୍ଡ ଯିବା ଆସିବା ବାଟକୁ ପଡୋଶୀ ଅବରୋଧ କରିବା ଓ ଏହାର ପ୍ରତିବାଦ କରିବାରୁ ଦଳିତ ପରିବାରର ମହିଳାଙ୍କୁ ପଡୋଶୀ ମାଡ଼ ମାରିଥିବା ଶରଣକୁଳ ଥାନାରେ ଲିଖିତ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ପଞ୍ଚୁମୁ ପଞ୍ଚାୟତର ଭାଲିଆଡିହି ଗାଁରେ ଲିଙ୍ଗରାଜ ବେହେରାଙ୍କ ଘର। ଗତ ୧୬ ତାରିଖ ଅପରାହ୍ଣ ୩ଟା ବେଳେ ଲିଙ୍ଗରାଜଙ୍କ ପତ୍ନୀ ବାଉରୀ ବେହେରା ନଳକୂଅରୁ ପାଣି ଆଣିବା ପାଇଁ ଘରୁ ବାହାରି ଯାଉଥିବା ବେଳେ ପଡୋଶୀ ରାହାସ ଜେନା ଓ ତାଙ୍କ ପୁଅ ପ୍ରତାପ ତାଙ୍କ ଦାଣ୍ଡ ଯିବା ରାସ୍ତାରେ ପଥର ରଖି ଅବରୋଧ କରିଥିଲେ। ରାସ୍ତାକୁ କାହିଁ ଅବରୋଧ କରୁଛ ପ୍ରତିବାଦ କରିବାରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ପଡୋଶୀ ବାପ-ପୁଅ ବାଉରୀ ଧରିଥିବା ଗରା ଓ ବାଲତିକୁ ଛଡ଼ାଇ ଫୋପାଡ଼ି ଦେବା ସହିତ ତାଙ୍କୁ ମାଡ ମାରି ଟଣାଓଟରା କରି ଜାତିଆଣ ଆକ୍ଷେପ କରି ଧମକ ଚମକ ଦେଇଥିଲେ। ଏପରିକି ଘରେ ନିଆଁ ଲଗାଇ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ।

ଏ ସଂପର୍କରେ ସେ ଗୋଡ଼ିପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିବା ସହିତ ଏସ୍‌ଡିପିଓ, ଏସ୍‌ପି, ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଶରଣକୁଳ ଥାନା କେସ ନଂ ୯୪/୧୩ ଦଫା ୩୪୧, ୨୯୪, ୩୨୩, ୩୫୪, ୫୦୬, ୩୪ ଆଇପିସି, ୩ ଏସ୍‌ସି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଶରଣକୁଳ ଏସ୍‌ଡିପିଓ ଘଟଣାର ତଦନ୍ତ ଭାର ନେଇଥିବାବେଳେ ଅଦ୍ୟାବଧି କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡିଛି।

# ନିଆଁରେ ପୋଡ଼ି ମହିଳା ମୃତ

## ନିର୍ଯାତନା ଓ ହତ୍ୟା ଅଭିଯୋଗ: ୩ ଅଟକ

ଜଟଣୀ,୧୯/୬(ଇମିସ): ଜଟଣୀ ଲୋକୋ କଲୋନିର ଜଣେ ମହିଳା ଆଜି ନିଆଁରେ ପୋଡ଼ିଯାଇ ପ୍ରାଣ ହରାଇଛନ୍ତି। ମହିଳା ଜଣଙ୍କ ନିଜେ ଦେହରେ ନିଆଁ ଲଗାଇଛନ୍ତି ନା ତାଙ୍କୁ ପୋଡ଼ି ମାରି ଦିଆଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ତେବେ ତାଙ୍କ ଝିଅକୁ ନିର୍ଯାତନା ଦେଇ ମାରି ଦିଆଯାଇଛି ବୋଲି ମୃତ ମହିଳାଙ୍କ ବାପା ଜଟଣୀ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ମୃତ ମହିଳାଙ୍କ ସ୍ୱାମୀ, ଶାଶୂ ଓ ନଣନ୍ଦଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି।

ଅଭିଯୋଗରୁ ପ୍ରକାଶ, ଭୁବନେଶ୍ୱର ଲକ୍ଷ୍ମୀସାଗର ନିବାସୀ ଗୋବିନ୍ଦ ଚନ୍ଦ୍ର ଦାଶଙ୍କ ଝିଅ ଦୀପା(୨୬) ଗତ ୨୦୦୭ ମସିହା ଜାନୁଆରି ୨୩ ତାରିଖ ଦିନ ଜଟଣୀ ଲୋକୋ କଲୋନି ପ୍ଲଟ୍ ନମ୍ବର ୧୫୦ ଏ , କ୍ୱାର୍ଟର-୪ ନିବାସୀ ପାନ୍ନାଲାଲ୍ ବୋଷଙ୍କ ପୁଅ ଅନିଲ କୁମାର ବୋଷ (୩୫)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ଉଭୟଙ୍କର ଗୋଟିଏ ୩ ବର୍ଷର ଶିଶୁକନ୍ୟା ରହିଛି। ବିବାହ ପରେ ଶାଶୂଘର ଲୋକେ ଦୀପାକୁ ନିର୍ଯାତନା ଦେଇ ଆସୁଥିଲେ। ଏପରିକି ଦୀପାକୁ ତାଙ୍କ ବାପ ଘରକୁ ଛାଡ଼ୁ ନଥିଲେ। ନିର୍ଯାତନା ସହି ନ ପାରି ଦୀପା କୁଆଡେ ପୂର୍ବରୁ ଦୁଇଥର ଆତ୍ମହତ୍ୟା ଉଦ୍ୟମ କରିଥିଲା। ତେବେ ସ୍ଥାନୀୟ ଏକ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତାଙ୍କ ମଧ୍ୟସ୍ଥତାରେ ଗତ ୨୦୧୨ ଡିସେମ୍ବର ୩୦ ତାରିଖ ଉଭୟ ପକ୍ଷ ମଧ୍ୟରେ ମିଳାମିଶା ହୋଇଥିଲା। ଆଗକୁ ସେମାନେ ଦୀପାକୁ ଆଉ ନିର୍ଯାତନା ଦେବେ ନାହିଁ ବୋଲି ଲିଖିତ ଭାବେ ଚୁକ୍ତିବଦ୍ଧ ହୋଇଥିଲେ। ଏହା ସତ୍ତ୍ୱେ ଦୀପା ଉପରେ ଶାରୀରିକ ନିର୍ଯାତନା ଜାରି ରହିଥିଲା। ଆଜି ପୂର୍ବାହ୍ନ ୬ଟା ବେଳେ ଦୀପାଙ୍କ ଘର ଭିତରୁ ଚିତ୍କାର ଶୁଣାଯିବାରୁ ପଡ଼ୋଶୀ ଭିତରକୁ ପଶି ସେ ନିଆଁରେ ଜଳି ଯାଉଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ସରକାରୀ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଖୋର୍ଧା ନିଆଯାଇଥିଲା। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସେଠାରୁ କଟକ ନିଆଯାଇଥିଲା। କିନ୍ତୁ କଟକ ମେଡିକାଲ କଲେଜ ଡାକ୍ତରମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ପଡୋଶୀମାନେ ଦୀପାଙ୍କୁ ଘରୁ ଉଦ୍ଧାର କରିବା ବେଳେ ସେ ୪ ଦିନ ହେଲା ଖାଇ ନଥିବା କହିଥିଲା। ଏହି ଖବର ପାଇବା ପରେ ଦୀପାଙ୍କ ବାପା ଜଟଣୀ ଥାନାରେ ଲିଖିତ ଅଭିଯୋଗ କରି ଝିଅର ମୃତ୍ୟୁ ପାଇଁ ଜ୍ୱାଇଁ, ଶାଶୂ ଓ ନଣନ୍ଦଙ୍କୁ ଦାୟୀ କରିଥିଲେ। ଏହି ସୂଚନା ପାଇବା ପରେ ଜଟଣୀ ପୁଲିସ ନିର୍ଦ୍ଦେଶକ୍ରମେ କଟକ ମେଡିକାଲ କଲେଜ ଫାଣ୍ଡି ପୁଲିସ ଅନିଲଙ୍କୁ ଅଟକ ରଖିଛି। ସେହିପରି ଅନିଲଙ୍କ ମା' ଓ ଭଉଣୀଙ୍କୁ ଜଟଣୀ ପୁଲିସ ଥାନାରେ ଅଟକ ରଖି ପଚରା ଉଚରା ଚଳାଇଛି।

# ନବ ବଧୂଙ୍କୁ ନିର୍ଯାତନା ଅଭିଯୋଗ

ଭୁବନେଶ୍ୱର,୧୯/୬(ଇମିସ): ଜଣେ ନବବଧୂଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ମହିଳା କମିସନଙ୍କ ନିକଟରେ ଅଭିଯୋଗ ହୋଇଛି। ନିର୍ଯାତନାର ଶିକାର ହୋଇଥିବା ନବବଧୂଙ୍କ ନାଁ ପ୍ରିୟଙ୍କା ନନ୍ଦ। କମିସନ ପ୍ରିୟଙ୍କାଙ୍କ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ ନିର୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ ସମ୍ବଲପୁର ଟାଉନ ଥାନା ଅଧୀନ ନନ୍ଦପଡ଼ାର ପ୍ରିୟଙ୍କା ନନ୍ଦଙ୍କ ସହିତ ୨୦୦୯ ମସିହାରେ ରାଉରକେଲାର ରାକେଶ ଆଚାର୍ଯ୍ୟଙ୍କ ବିବାହ ହୋଇଥିଲା। ଦାବି ମୁତାବକ ଯୌତୁକ ବାବଦରେ ପ୍ରିୟଙ୍କାଙ୍କ ପରିବାର ଲୋକ ସୁନା, ରୁପା ଏବଂ ନଗଦ ଟଙ୍କା ଦେଇଥିଲେ। କିନ୍ତୁ ବିବାହର କିଛି ଦିନ ପରେ ପ୍ରିୟଙ୍କାଙ୍କୁ ନିର୍ଯାତନା ଦିଆଯାଇଥିଲା। ଏ ନେଇ ସେ ସମ୍ବଲପୁର ମହିଳା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ଏଯାଏ କାହାରିକୁ ଗିରଫ କରିବାକୁ ସକ୍ଷମ ହୋଇ ନାହିଁ। ତେବେ ପ୍ରିୟଙ୍କାଙ୍କ ଏଭଳି ଘଟଣାକୁ ଦୃଢ଼ ପ୍ରତିବାଦ କରିଛି ବିଜେପି ମହିଳା ମୋର୍ଚା। ଏ ନେଇ ମୋର୍ଚାର ଏକ ପ୍ରତିନିଧି ଦଳ ଆଜି ମହିଳା କମିସନଙ୍କୁ ଭେଟି କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛି।

# ମହିଳାଙ୍କୁ ଗାଁ ଦାଣ୍ଡରେ ହତ୍ୟା

ଟିଟିଲାଗଡ଼,୨୬/୬(ଇମିସ): ସାମାନ୍ୟ କାରଣକୁ କେନ୍ଦ୍ର କରି ଟିଟିଲାଗଡ଼ ଥାନା ଅନ୍ତର୍ଗତ ନୂଆପଡ଼ା ଗ୍ରାମରେ ଜଣେ ମହିଳାଙ୍କୁ ଆଜି ରାତି ୯ଟା ବେଳେ ଗାଁ ଦାଣ୍ଡରେ ଭୁଜାଲିରେ ହାଣି ହତ୍ୟା କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ହତ୍ୟାର ଶିକାର ହୋଇଥିବା ମହିଳା ଜଣକ ହେଲେ ଗ୍ରାମର ସନିଆ ନାଗଙ୍କ ପତ୍ନୀ ଗୌରୀ ନାଗ (୪୫)।

ଗ୍ରାମରେ ଥିବା ଦୁଇଟି ବିଦ୍ୟୁତ ଟ୍ରାନ୍ସଫର୍ମର ମଧ୍ୟରୁ ନିକଟରେ ଗୋଟିଏ ପୋଡ଼ି ଯାଇଥିବା ବେଳେ ଗୋଟିଏ ସାହି ଅନ୍ଧାରରେ ରହୁଥିଲା। ଫଳରେ ଠିକ୍ ଥିବା ଟ୍ରାନ୍ସଫର୍ମରରୁ ଅସ୍ଥାୟୀ ଭାବେ ଆଉ ଏକ ସାହିକୁ କିଛି ସମୟ ପାଇଁ ଲାଇନ୍ ଦିଆଯାଇଥିଲା। ତେବେ ଏହାକୁ କେନ୍ଦ୍ର କରି ଆଜି ରାତିରେ ଦୁଇ ସାହିର ବାସିନ୍ଦାମାନେ ମୁହାଁମୁହିଁ ହୋଇଥିଲେ। ଘଟଣାସ୍ଥଳରେ ପୁରୁଷ ଓ ମହିଳାମାନେ ବହୁ ସଂଖ୍ୟାରେ ରୁଣ୍ଡ ହୋଇଥିବା ବେଳେ ଗ୍ରାମରେ ଜନୈକ ବ୍ୟକ୍ତି ଅନ୍ଧାରର ସୁଯୋଗ ନେଇ ଏକ ଭୁଜାଲିରେ ଗୌରୀ ନାଗଙ୍କୁ ଭୁଷି ଦେଇଥିଲେ । ଘଟଣାସ୍ଥଳରେ ଗୌରୀ କିଛି ସମୟ ଛଟପଟ ହୋଇ ଗ୍ରାମବାସୀଙ୍କ ଆଖି ସାମ୍ନାରେ ଆଖି ବୁଜିଦେଇଥିଲେ। ହତ୍ୟାକାରୀ ଚିହ୍ନଟ ସରିଛି ଓ ତାକୁ ତୁରନ୍ତ ଧରାଯିବ ବୋଲି ପୁଲିସ କହିଛି। ତେବେ ଗାଁରେ ଏ ନେଇ ଚାପା ଉତ୍ତେଜନା ଲାଗି ରହିଛି ।

## ଯୁବତୀଙ୍କୁ ଡାକ୍ତରଙ୍କ ଦୁର୍ବ୍ୟବହାର

# ଡିସିପିଙ୍କ ହସ୍ତକ୍ଷେପ ପରେ ମାମଲା ରୁଜୁ

କଟକ,୧୯।୬(ଇମିସ): କଟକ ବଡ଼ମେଡିକାଲ୍‌ର ଅର୍ଥୋପେଡିକ୍ ୱାର୍ଡରେ ଜଣେ ରୋଗୀ ଆଟେନ୍‌ଡାଣ୍ଟ(ଯୁବତୀ)ଙ୍କୁ ଡାକ୍ତରୀ ପିଜି ଛାତ୍ର ୱାର୍ଡ ଭିତରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ବେଡ୍ ଦେବା କଥାକୁ ନେଇ ଯୁବତୀଙ୍କୁ ଖରାପ ବ୍ୟବହାର କରିବା ସହ ତାଙ୍କୁ ଛାତ୍ରମାନେ ମିଳିତ ଭାବେ ଧମକ ଚମକ ଦେଇଥିବା ସଂପର୍କରେ ଯୁବତୀ ଜଣକ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ ଗତକାଲି ରାତିରେ ଅର୍ଥୋପେଡିକ୍ ୱାର୍ଡରେ ଉତ୍ତେଜନା ଦେଖାଦେଇଥିଲା। ପୁଲିସ, ବିଭାଗୀୟ ଡାକ୍ତରଙ୍କ ମିଳିତ ଉଦ୍ୟମରେ ମାମଲାକୁ ରଫାଦଫା କରିବାକୁ ଉଦ୍ୟମ କରାଯାଇଥିଲା। ତେବେ ଯୁବତୀ ନିଜର ସୁରକ୍ଷା ଦୃଷ୍ଟିରୁ ମାମଲା ସମାଧାନ କରିବାକୁ ରାଜି ହୋଇଥିଲେ ବି ଆଜି ସକାଳେ ଏ ନେଇ ଡିସିପିଙ୍କୁ ଭେଟି ଅଭିଯୋଗ କରିଥିଲେ। ଡିସିପିଙ୍କ ନିର୍ଦ୍ଦେଶ ପରେ ମଙ୍ଗଳାବାଗ ଥାନା ପୁଲିସ ଏ ସଂକ୍ରାନ୍ତରେ ମାମଲା ରୁଜୁ କରିଥିବା ଜଣା ପଡିଛି।

ସୂଚନା ଅନୁଯାୟୀ ପୁରୀ ସ୍ୱର୍ଗଦ୍ୱାର ଅଞ୍ଚଳରେ ରହୁଥିବା ମହାବୀର ଦାସ କଟକ ବଡମେଡିକାଲର ଅର୍ଥୋପେଡିକ୍ ୱାର୍ଡର ତଳ ମହଲାରେ ଚିକିତ୍ସିତ ହେଉଥିଲେ। ତେବେ ତାଙ୍କୁ ମେଡିକାଲରେ ବେଡ୍ ମିଳିନଥିବାରୁ ତାଙ୍କ ଝିଅ ଡାକ୍ତରଙ୍କୁ ବେଡ୍ ଦେବା ପାଇଁ ଅନୁରୋଧ କରିଥିଲେ। ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କ ପାଖରେ ଖାଲିଥିବା ଏକ ବେଡ୍‌ରେ ବାପାଙ୍କୁ ଶୁଆଇ ଦେଇଥିଲେ। ଏ ନେଇ କର୍ତବ୍ୟରତ ପିଜି ଡାକ୍ତର ଯୁବତୀଙ୍କୁ ପ୍ରଶ୍ନ କରିଥିଲେ। ତୁରନ୍ତ ଶ୍ରୀ ଦାସଙ୍କୁ ବେଡ୍‌ରୁ ଓହ୍ଲାଇ ଦେବାକୁ ପରାମର୍ଶ ଦେଇଥିଲେ। ତେବେ ବେଡ୍ ଖାଲି ରହିଛି, ତାଙ୍କୁ ଏଠାରେ ରହିବାକୁ ସୁଯୋଗ ଦିଆଯାଉ ବୋଲି ଯୁବତୀ ଜଣକ ଡାକ୍ତରଙ୍କୁ ଅନୁରୋଧ କରିଥିଲେ। ମାତ୍ର ଏ ବେଡ୍ ପ୍ରଫେସରଙ୍କ ୟୁନିଟ୍‌ର, ଏହା ପୂର୍ବରୁ ବୁକ୍ ରହିଛି, ଏଠାରେ ତୁମେ ରହି ପାରିବ ନାହିଁ ବୋଲି ଡାକ୍ତର ମନା କରିଦେଇଥିଲେ। ଏହି ଘଟଣାକୁ ନେଇ ଯୁବତୀ ଓ ସଂପୃକ୍ତ ପିଜି ଡାକ୍ତରଙ୍କ ଭିତରେ ଯୁକ୍ତିତର୍କ ହୋଇଥିଲା। ତେବେ ଘଟଣାରେ ରାଗିଯାଇ ଡାକ୍ତର ଜଣକ ଯୁବତୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ତେବେ ଏତିକିରେ ଡାକ୍ତରଙ୍କ ରାଗ ଥଣ୍ଡା ପଡିନଥିଲା। ତୁରନ୍ତ ଯୁବତୀଙ୍କୁ ଜବାବ ଦେବାକୁ ସେ ଅନ୍ୟ ସହଯୋଗୀଙ୍କୁ ଡକାଇ ଏକାଠି କରିଥିଲେ। ଏକା ବେଳେ ୩୦ରୁ ଅଧିକ ବ୍ୟକ୍ତି ୱାର୍ଡରେ ପହଞ୍ଚି ଯୁବତୀଙ୍କୁ ଘେରି ଯାଇଥିଲେ। କିଛି ଡାକ୍ତରୀ ଛାତ୍ର ଔଦ୍ଧତ୍ୟର ସବୁ ସୀମା ଟପି ଯୁବତୀଙ୍କ ଫଟୋକୁ ସେମାନଙ୍କ ମୋବାଇଲରେ ଉଠାଇଥିଲେ। ଯୁବତୀ ଜଣକ ଏହାର ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ଟାହି ଟାପରା କରିଥିଲେ। ଏତେ ସଂଖ୍ୟକ ଡାକ୍ତରୀ ଛାତ୍ରଙ୍କୁ ଦେଖି ଯୁବତୀ ଜଣକ ଭୟଭୀତ ହୋଇଯାଇଥିଲେ। ରୋଗୀଣା ବାପାଙ୍କୁ ଦେଖି ଚୁପ୍ ପଡିଥିଲେ। ତେବେ ଏ ନେଇ ଯୁବତୀ ମେଡିକାଲ ଫାଣ୍ଡିରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଓ ଉତ୍ତେଜନା ଖବର ପାଇ ମଙ୍ଗଳାବାଗ ଥାନା ଅଧିକାରୀ,ବିଭାଗୀୟ ମୁଖ୍ୟ ଡାକ୍ତର ବସନ୍ତ ବେହେରା, ଡାକ୍ତର ରବି ଜୀ ୱାର୍ଡକୁ ଆସିଥିଲେ। ଯୁବତୀଙ୍କୁ ଏତଲା ନ ଦେବାକୁ ସବୁସ୍ତରରୁ ଚାପ ପ୍ରୟୋଗ କରାଯାଇଥିଲା। ରାତି ପ୍ରାୟ ସାଢେ ୧୨ଟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା। ଏପରିକି ଏ କଥା କାହାରିକୁ କହିଲେ ତାଙ୍କୁ ମାରି ଦେବାକୁ ଧମକ ମିଳିଥିଲେ। ଗତକାଲି ରାତିରେ ଯୁବତୀଙ୍କ ବାପା ରହୁଥିବା ୱାର୍ଡର ତଳମହଲାର ଗ୍ରୀଲକୁ ତାଲା ପକାଇ ଦିଆଯାଇଥିଲା। ଯୁବତୀ ଯେମିତି କାହା ସମ୍ମୁଖରେ ଏ କଥା ନ କହି ପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଥିଲା। ପିଜି ଛାତ୍ରମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ୱାର୍ଡ ବାହାରେ ପହରା ଦେଇଥିଲେ। ଏ ସଂପର୍କରେ ଖବର ପାଇ ଆଜି ଗଣମାଧ୍ୟମ ପ୍ରତିନିଧି ଯୁବତୀଙ୍କୁ ଭେଟିବା ପରେ ଗତକାଲି ତାଙ୍କ ଉପରେ ଏତଲା ନ ଦେବାକୁ ପ୍ରୟୋଗ କରାଯାଇଥିବା ଚାପ ସଂପର୍କରେ ସେ ସୂଚନା ଦେଇଥିଲେ। ଯୁବତୀ ଗଣମାଧ୍ୟମ ଆଗରେ ମୁହଁ ଖୋଲିବା ପରେ ଆଜି ମଙ୍ଗଳାବାଗ ଥାନା ଅଧିକାରୀ ୱାର୍ଡରେ ପହଞ୍ଚି ଥିଲେ। ମାତ୍ର ଯୁବତୀ କିନ୍ତୁ ଜିଦ୍‌ରେ ଥିଲେ। ତାଙ୍କୁ ଗତକାଲି ଯେଉଁଭଳି ଅପମାନିତ କରାଯାଇଛି ସେ ନେଇ ଡିସିପିଙ୍କୁ ଭେଟି ଏତଲା ଦେବା ସହ ଏତଲା କପି ଗ୍ରହଣ କରିଥିଲେ। ଯୁବତୀ ଜଣକ ଏ ନେଇ ଡା ସୁଶାନ୍ତ ଓ ଅନ୍ୟମାନଙ୍କ ନାମରେ ଅଭିଯୋଗ କରିଛନ୍ତି। ଗତକିଛି ଦିନ ତଳେ ଜଣେ ସାମ୍ବାଦିକଙ୍କୁ ଅପହରଣ କରି ନେଇ ପିଜି ଛାତ୍ରମାନେ ମାଡମାରିବା ସହ ନିର୍ଯାତନା ଦେବାର ଦୁଇଦିନ ପରେ ୱାର୍ଡ ଭିତରେ ଜଣେ ଯୁବତୀ ଆଟେନ୍‌ଡାଣ୍ଟ୍‌ଙ୍କୁ ଏଭଳି ଦୁର୍ବ୍ୟବହାରକୁ ସାଧାରଣରେ ନିନ୍ଦା କରାଯାଇଛି। ଏହି ଘଟଣାରେ ମଙ୍ଗଳାବାଗ ଥାନା ଅଧିକାରୀଙ୍କ ଭୂମିକାକୁ ମଧ୍ୟ ସମାଲୋଚନା କରାଯାଇଛି। ଘଟଣାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# କୋରାପୁଟରୁ ୭୭୮୫ ଶିଶୁ ଶ୍ରମିକ ନିଖୋଜ!

କୋରାପୁଟ,୨୦ା୬(ଇମିସ): କୋରାପୁଟ ଜିଲ୍ଲାରୁ ୭୭୮୫ ଶିଶୁ ଶ୍ରମିକ ନିଖୋଜ। ନିଖୋଜ ଶିଶୁ ଶ୍ରମିକ କେଉଁଠି ଓ କିପରି ଅଛନ୍ତି ତାର ରିପୋର୍ଟ ଜିଲ୍ଲା ପ୍ରଶାସନ କିମ୍ବା ଶିଶୁ ମଂଗଳ କମିଟି ପାଖରେ ନାହିଁ। ଏପରି ସୂଚନା ଦେଇଛନ୍ତି ଖୋଦ୍ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ସଦସ୍ୟ ରାଜେନ୍ଦ୍ର ମେହେର। ଆଜି କୋରାପୁଟ ଜିଲ୍ଲା ଗସ୍ତରେ ଆସି ଶ୍ରୀ ମେହେର ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ସୁରକ୍ଷାକୁ ନେଇ ଜିଲ୍ଲା ପ୍ରଶାସନର ଅବହେଳାକୁ ତୀବ୍ର ନିନ୍ଦା କରିଥିଲେ। ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟର ଅଭାବରୁ କୋମଳମତି ଶିଶୁଙ୍କ ସୁରକ୍ଷା କ୍ଷେତ୍ରରେ ଏପରି ଢ଼ିଲା ହୋଇଛି ବୋଲି କହିଥିଲେ। ଯେଉଁ କିଛି ଶିଶୁ ଶ୍ରମିକ ଚିହ୍ନଟ ହୋଇଛି, ସେଥି ମଧ୍ୟରୁ ଅଧିକାଂଶଙ୍କ ସ୍କୁଲ୍‌ରେ ନାଁ ଅଛି, କିନ୍ତୁ ପିଲା ନାହାନ୍ତି। କେବଳ ସେତିକି ନୁହେଁ ସରକାରଙ୍କୁ ଡ୍ରପ୍ ଆଉଟ୍ ହାର କମ୍ ଦେଖାଇବା ପାଇଁ ଶିକ୍ଷା ବିଭାଗ କର୍ତ୍ତୃପକ୍ଷ ମନଗଢ଼ା ରିପୋର୍ଟ ଦେଉଛନ୍ତି ବୋଲି ଶ୍ରୀ ମେହେର କହିଥିଲେ। ଶିଶୁ ଶ୍ରମିକଙ୍କ ସୁରକ୍ଷା ପାଇଁ ୩ ମାସରେ ହେବାକୁ ଥିବା ଟାସ୍କ ଫୋର୍ସ ବୈଠକ, ଚିହ୍ନଟକରଣ ପ୍ରକ୍ରିୟା ଆଜି ଯାଏଁ ଜିଲ୍ଲାରେ ଥରୁଟିଏ ମଧ୍ୟ ହୋଇନାହିଁ।

୨୦୧୧ ଜିଲ୍ଲା ଶ୍ରମ ବିଭାଗ ସର୍ଭେ ଅନୁଯାୟୀ, କୋରାପୁଟ ଜିଲ୍ଲାରେ ୧୦ ହଜାର ୫୫୭ ଜଣ ଶିଶୁ ଶ୍ରମିକ ଅଛନ୍ତି। ସେଥି ମଧ୍ୟରୁ ଏକ ହଜାର ଶ୍ରମିକଙ୍କୁ ଏନ୍‌ସିଏଲ୍‌ପି ଏବଂ ୧୭୭୨ ଜଣଙ୍କୁ ସର୍ବ ଶିକ୍ଷା ଅଭିଯାନରେ ଡ୍ରପ୍ ଆଉଟ୍ ଛାତ୍ର ଭାବେ ଗ୍ରହଣ କରାଯାଇ ଶିକ୍ଷାଦାନ ଚାଲିଛି। କିନ୍ତୁ ବଳକା ୭ ହଜାର ୭୮୫ ଶିଶୁ ଶ୍ରମିକ କେଉଁଠି ଅଛନ୍ତି ତାହାର ରିପୋର୍ଟ ଶ୍ରମ ବିଭାଗ ଖୋଜି ପାଉନି। ଏହି ଶିଶୁ ଶ୍ରମିକଙ୍କ ସୁରକ୍ଷା ପ୍ରତି ଶ୍ରମ ବିଭାଗ ଆଖି ବୁଜି ଦେଇଥିବା ବେଳେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ମଂଗଳ ଅଧିକାର କମିଟି ମଧ୍ୟ ଚିନ୍ତା କରୁନାହାନ୍ତି। ସେହିପରି ଜିଲ୍ଲାର ୧୪ଟି ଅଣ ସ୍ୱୀକୃତିପ୍ରାପ୍ତ ସ୍ୱେଚ୍ଛାସେବୀ ସଂସ୍ଥା ଶିକ୍ଷାଦାନ ନାମରେ ୫୯୪ ଜଣ ଶିଶୁଙ୍କୁ ରଖିଛନ୍ତି। ପ୍ରଶାସନ ପାଖରେ କାଗଜ ପତ୍ରରେ ଏହି ରେକର୍ଡ ଥିବା ବେଳେ କୌଣସି ଅଧିକାରୀଙ୍କ ପାଦ ଆଜି ପର୍ଯ୍ୟନ୍ତ ଉକ୍ତ ଅନୁଷ୍ଠାନ ଗୁଡ଼ିକରେ ପଡିନାହିଁ। ୧୪ଟି ଅଣ ସ୍ୱୀକୃତିପ୍ରାପ୍ତ ସଂସ୍ଥାଙ୍କୁ ସରକାରଙ୍କ ପକ୍ଷରୁ ଟଂକାଟିଏ ମଧ୍ୟ ଅନୁଦାନ ମିଳୁନଥିବା ବେଳେ କାହା ସହାୟତାରେ ଏହି ଅନୁଷ୍ଠାନ ଚାଲିଛି ବୋଲି ଶିଶୁ ସୁରକ୍ଷା ଆୟୋଗ ସଦସ୍ୟ ପ୍ରଶ୍ନ କରିଥିଲେ। ସମସ୍ତ ସଂସ୍ଥା ପଂଜିକରଣ ପାଇଁ ସରକାରଙ୍କ ନିକଟରେ ଆବେଦନ କରିଛନ୍ତି। କିନ୍ତୁ ଏନ୍‌କ୍ଲୋଜର୍ ଆସି ନଥିବାରୁ ପଂଜିକୃତ ହୋଇପାରିନାହିଁ ବୋଲି ସହକାରୀ ଜିଲ୍ଲା ସମାଜ ମଂଗଳ ଅଧିକାରୀ ଅଶୋକ ପାତ୍ର ସୂଚନା ଦେଇଥିଲେ। ଏହି ସଂସ୍ଥା ଗୁଡ଼ିକରେ ଗୋଟିଏ ଗ୍ରାମରୁ ୪/୫ ଜଣ ଲେଖାଁଏ ପିଲା ଥିବା ବେଳେ ସମସ୍ତଙ୍କ ବାପା, ମା ମଧ୍ୟ ଅଛନ୍ତି। ତେବେ କେଉଁ ଉଦ୍ଦେଶ୍ୟରେ ଏହି ପିଲାଙ୍କୁ ଉକ୍ତ ସଂସ୍ଥାରେ ରଖାଯାଇଛି ବୋଲି ଶ୍ରୀ ମେହେର ପ୍ରଶ୍ନ କରିଥିଲେ। ବିଭାଗର ଅବହେଳା ଯୋଗୁ ଉକ୍ତ ସଂସ୍ଥା ଗୁଡ଼ିକରେ ରହୁଥିବା ପିଲାମାନେ ଦୟନୀୟ ଅବସ୍ଥାରେ ରହୁଛନ୍ତି ବୋଲି ପିପୁଲସ୍ ଗ୍ରୁପ୍ ଫର୍ ଚିଲେଡନ୍ ଡେଭଲ୍‌ପମେଣ୍ଟ୍ ସି. ଏଚ୍. ସାନ୍ତାକାରି ମଧ୍ୟ କହିଥିଲେ।

# ନାବାଳିକା ସହ ଦୁଷ୍କର୍ମ, ଯୁବକ ଗିରଫ

ଭୁବନେଶ୍ୱର,୧୯।୬(ଇମିସ): ନାବାଳିକା ସହ ଦୁଷ୍କର୍ମ କରିବା ଅଭିଯୋଗରେ ମହିଳା ଥାନା ପୁଲିସ ଆଜି ଜଣେ ଯୁବକକୁ ଗିରଫ କରିଛି। ତା ନାଁ ବିଶ୍ୱମ୍ବର ମିଶ୍ର(୪୨)। ଘର ନୂଆପଲ୍ଲୀ ଥାନା ଅଧୀନ ସାଲିଆସାହି ଶ୍ରୀରାମନଗର ବସ୍ତିରେ। ପୁଲିସ ବିଶ୍ୱମ୍ବର ଏବଂ ନାବାଳିକାକୁ କ୍ୟାପିଟାଲ୍ ହସ୍ପିଟାଲ୍ ନେଇ ଡାକ୍ତରୀମାଇନା କରାଇଛି।

ପୁଲିସଠାରୁ ମିଳିଥିବା ସୂଚନା ମୁତାବକ ଚଳିତ ମାସ ୧୫ ତାରିଖ ସଂଧ୍ୟାରେ ନାବାଳିକା ଜଣକ ସାଲିଆସାହି ଆଦିତ୍ୟନଗର ରାସ୍ତାରେ ଯାଉଥିବାବେଳେ ବିଶ୍ୱମ୍ବର ତାଙ୍କୁ ଏକ ପରିତ୍ୟକ୍ତ ଘରକୁ ଡାକି ନେଇ ଦୁଷ୍କର୍ମ କରିଥିଲା। ଏ ନେଇ ନାବାଳିକା ଜଣକ ଘରକୁ ଫେରି ଘଟଣା ବିଷୟରେ କହିବା ପରେ ତାଙ୍କୁ ଚିକିତ୍ସା ଲାଗି କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଥିଲା। ଘଟଣା ପରେ ବିଶ୍ୱମ୍ବର ଫେରାର ହୋଇ ଯାଇଥିଲା। ଆଜି ଅପରାହ୍ନରେ ବିଶ୍ୱମ୍ବର ବସ୍ତିରେ ବୁଲାବୁଲି କରୁଥିଲେ। ଲୋକେ ତାଙ୍କୁ କାବୁ କରି ନୂଆପଲ୍ଲୀ ଥାନା ପୁଲିସ ଜିମା ଦେଇଥିଲେ। ପରେ ତାଙ୍କୁ ମହିଳା ଥାନା ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ଆସନ୍ତାକାଲି ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ମହିଳା ଥାନାର ଜଣେ ଅଧିକାରୀ କହିଛନ୍ତି। ବିଶ୍ୱମ୍ବରଙ୍କ ନାମରେ ପୂର୍ବରୁ ଏକ ଅସଦାଚରଣ ଅଭିଯୋଗ ଥିବା ବସ୍ତିବାସିନ୍ଦା କହିଛନ୍ତି।

# ନାବାଳିକାକୁ ବୀଭତ୍ସ ହତ୍ୟା

ଯୋଡା,୨୪।୬(ଇମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନାର ଦଳପାହାଡ଼ ନିକଟ ବାଇକଟା ଜଙ୍ଗଲରୁ ଜଣେ ନାବାଳିକାର ଖଣ୍ଡବିଖଣ୍ଡିତ ମୃତଦେହ ପୁଲିସ ଜବତ କରିଛି। ନିକଟସ୍ଥ ଗ୍ରାମର ମହିଳାମାନେ ଛତୁ ସଂଗ୍ରହ କରିବାକୁ ଜଙ୍ଗଲକୁ ଯାଇଥିବା ବେଳେ ନାବାଳିକାର ଶବ ପଡ଼ିଥିବା ଦେଖିବାକୁ ପାଇଥିଲେ। ମହିଳାମାନେ ଗାଁ'କୁ ଆସି ଜଣାଇବା ପରେ ଘଟଣା ପ୍ରଘଟ ହୋଇ ପୁଲିସ ପାଖରେ ପହଞ୍ଚିଥିଲା।

**ଜଙ୍ଗଲରୁ ମିଳିଲା ହାତ, ପାପୁଲି କଟା ମୃତଦେହ**

ମୃତ ନାବାଳିକାର ପରିଚୟ ଜଣାପଡ଼ି ନାହିଁ। ତେବେ ତା'ର ବୟସ ୧୩/୧୪ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ନାବାଳିକା ଜଣକ ଏକ ନୀଳ ରଂଗର ସ୍କର୍ଟ୍ ପିନ୍ଧିଥିବାରୁ ସେ ଜଣେ ସ୍କୁଲଛାତ୍ରୀ ହୋଇଥାଇ ପାରନ୍ତି। ତାଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିବା ପୁଲିସ ସନ୍ଦେହ କରିଛି। ଅତି ଅମାନୁଷିକ ଭାବେ ବାଳିକାକୁ ହତ୍ୟା କରାଯାଇଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ସ୍ପଷ୍ଟ ହୋଇଛି। ହାତ, ପାପୁଲି କଟାଯାଇଥିବା ବେଳେ ଏହି କଟା ଅଂଶ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ହୋଇ ପଡ଼ିଥିଲା। ଗଳିତ ଶବ ନିକଟରେ ଏକ ଲୁଗା ଓ ଚପଲ ପଡ଼ିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ପରିସ୍ଥିତି ଅନୁଧ୍ୟାନ କରିଛି। ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଫୋରେନ୍‌ସିକ୍ ରିପୋର୍ଟ ଆସିବା ପରେ ନାବାଳିକାର ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ ପ୍ରକାଶ କରିଛି।

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଉତ୍ତୋଳନ କରି ବ୍ଲାକ୍ ମେଲିଂ

ଭୁବନେଶ୍ୱର,୨୫।୬(ଇମିସ): ଜଣେ ନାବାଳିକାଙ୍କୁ ଥଣ୍ଡା ପାନୀୟରେ ନିଶା ଦେଇ ତାଙ୍କ ସହିତ ଦୁଷ୍କର୍ମ କରିବା ଓ ଏହି ସମୟରେ ବନ୍ଧୁମାନଙ୍କ ସହଯୋଗରେ ଏହି ଘଟଣାର ଭିଡିଓ ସୁଟିଂ କରି ସମ୍ପୃକ୍ତ ନାବାଳିକାଙ୍କୁ ବ୍ଲାକ୍‌ମେଲିଂ କରିବା ପରି ଏକ ସଙ୍ଗୀନ ଅଭିଯୋଗ ମହିଳା ଥାନାରେ ହୋଇଛି। ମହିଳା ଥାନା ଇନିସପେକ୍ଟର୍‌ଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ, କଟକ ଜିଲ୍ଲା ବାଙ୍କି ଅଞ୍ଚଳର ଜଣେ ବ୍ୟକ୍ତି ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ନହରକଣ୍ଟା ଗ୍ରାମରେ ଭଡ଼ା ଘର ନେଇ ରହିବା ସହିତ ସେହି ଅଞ୍ଚଳରେ ରାଜମିସ୍ତ୍ରି କାମ କରି ପରିବାର ପ୍ରତିପୋଷଣ କରିଥାନ୍ତି। ତାଙ୍କ ୧୬ ବର୍ଷିୟା ନାବାଳିକା ଝିଅଙ୍କ ସହିତ ବାଲିଅନ୍ତା ଅଞ୍ଚଳର ସନିଆ ବେଗ୍‌ଙ୍କର ସୁସମ୍ପର୍କ ଥିଲା। ଏହି ସମ୍ପର୍କର ଆଳରେ ସନିଆ କିଛିଦିନ ତଳେ ସମ୍ପୃକ୍ତ ନାବାଳିକା ଟ୍ୟୁସନ୍ ଯାଉଥିବା ବେଳେ ତାଙ୍କୁ ଏକ କୋଲ୍‌ଡ ଡ୍ରିଙ୍କ୍‌ସ ପିଇବାକୁ ଦେଇଥିଲେ। ଏହି ଥଣ୍ଡା ପାନୀୟରେ ନିଶା ଦ୍ରବ୍ୟ ମିଶାଇବା ସହିତ ଏକ ସ୍କୁଲ ନିକଟରେ ଥିବା କାଜୁ ଜଙ୍ଗଲକୁ ନେଇ ନାବାଳିକାଙ୍କ ସହ ଦୁଷ୍କର୍ମ କରିଥିଲେ। ତାଙ୍କ ସାଙ୍ଗ ପିଣ୍ଟୁ ବେହେରା, ସୁଦାମ ବେଗ୍, କାହ୍ନୁ ବେହେରା, ଟୁଟୁ ଜେନା, ଅନୀଲ ବେଗ ଓ ଦିଲ୍ଲୀପ ସାହୁ ପ୍ରମୁଖ ଏହି ସମୟର ଦୃଶ୍ୟକୁ ଭିଡିଓରେ ସୁଟିଂ କରିଥିଲେ। ପରେ ଏହାକୁ ନେଇ ସମ୍ପୃକ୍ତ ନାବାଳିକା ଜଣଙ୍କୁ ସନିଆଙ୍କ ସାଙ୍ଗମାନେ ବ୍ଲାକ୍ ମେଲ୍ କରିଥିଲେ। ଗତ ୨୧ ତାରିଖ ରାତିରେ ନାବାଳିକାଙ୍କ ବାପା ଘରେ ନ ଥିବା ବେଳେ ଏହି ଯୁବକମାନେ ଆସି ତାଙ୍କ ଘରେ କବାଟ ବାଡ଼େଇ ନାବାଳିକାଙ୍କ ପ୍ରତି ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରିଥିଲେ। ପରେ ସମ୍ପୃକ୍ତ ନାବାଳିକା ଜଣକ ଏ ସଂକ୍ରାନ୍ତରେ ତାଙ୍କ ମାଆଙ୍କୁ ସବୁ କଥା କହିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ମଞ୍ଚେଶ୍ୱର ଥାନାକୁ ଆସି ଅଭିଯୋଗ କରିଥିଲେ। ମାତ୍ର ମାମଲା ମହିଳା ଥାନା ଅନ୍ତର୍ଗତ ହୋଇଥିବାରୁ ସେମାନଙ୍କୁ ମହିଳା ଥାନାରେ ଅଭିଯୋଗ କରିବାକୁ କୁହାଯାଇଥିଲା। ନାବାଳିକା ଜଣକ ଆଜି ତାଙ୍କ ପରିବାର ସହିତ ଆସି ମହିଳା ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ମହିଳା ଥାନାରେ ୧୪୭/୨୦୧୩ ନମ୍ବର ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି ବୋଲି ଇନିସପେକ୍ଟର ସୂଚନା ଦେଇଛନ୍ତି।

## ଆବାସିକ ବିଦ୍ୟାଳୟରେ ନାମଲେଖା ପ୍ରଲୋଭନ

# ଆଦିବାସୀ ପିଲାଙ୍କୁ ଠକି ଦଲାଲ୍ ପାର୍

ଖଣ୍ଡପଡ଼ା, ୨୬/୬ (ଇମିସ): ଖଣ୍ଡପଡ଼ାସ୍ଥିତ ଆଦିବାସୀ ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ପ୍ରତିଶ୍ରୁତି ଦେଇ ଜଣେ ଦଲାଲ୍ ୧୫ଜଣ ପିଲା ଓ ତାଙ୍କ ଅଭିଭାବକଙ୍କୁ ଠକିଥିବା ଜଣାପଡ଼ିଛି। କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ତାରମା ଗାଁର ଏହି ପିଲାମାନେ ଆଜି ଖଣ୍ଡପଡ଼ାରେ ପହଞ୍ଚିବା ପରେ ଏହି ଠକେଇ ସମ୍ପର୍କରେ ଜଣାପଡ଼ିଥିଲା। ପିଲାଙ୍କ ଅଭିଭାବକଙ୍କ କହିବା ଅନୁଯାୟୀ ତାଙ୍କ ପାଖ ଗାଁ ଡଙ୍ଗମାଳ ବାସିନ୍ଦା ଲୁସିନ୍ଦ୍ର ପ୍ରଧାନ ଏହି ପିଲାମାନଙ୍କୁ ଖଣ୍ଡପଡ଼ା ଆଦିବାସୀ ଆବାସିକ ବିଦ୍ୟାଳୟରେ ନାମ ଲେଖାଇ ଦେବ ବୋଲି କହି ସେମାନଙ୍କ ଠାରୁ ସାର୍ଟିଫିକେଟ୍, ନାମଲେଖା ବାବଦକୁ ୬ଶହ ଓ ହଷ୍ଟେଲ ବାବଦକୁ ୬ଶହ ଏହିପରି ଜଣକା ୧୨ଶହ ଟଙ୍କା ଲେଖାଏ ନେଇଥିଲେ। 'ତମେମାନେ ଆସ, ମୁଁ ଆଗରେ ଯାଉଛି' କହି ଲୁସିନ୍ଦ୍ର ପଳାଇଆସିଥିଲେ। ତେବେ ଆଜି ଦିନ ୩ଟା ବେଳେ ଏହି ୧୫ଜଣ ପିଲା ଓ ସେମାନଙ୍କ ଅଭିଭାବକ ଖଣ୍ଡପଡ଼ାରେ ପହଞ୍ଚି ଫୋନ୍ କରିବାରୁ ଲୁସିନ୍ଦ୍ର ଆସୁଛି ବୋଲି କହି ଆଉ ଦେଖାଦେଇ ନଥିଲା। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲୁସିନ୍ଦ୍ର ନଆସିବା ସହ ଫୋନ୍ ମଧ୍ୟ ବନ୍ଦ କରିଦେଇଥିଲା। ଟ୍ରଙ୍କ, ବହିବସ୍ତାନି ଧରି ପିଲାମାନେ ଭୋକଉପାସରେ ମେଡିକାଲ ଛକରେ ଛିଡ଼ା ହୋଇଥିବା ବେଳେ ସ୍ଥାନୀୟ ଲୋକ ଓ ସାମ୍ବାଦିକ ସେମାନଙ୍କୁ ପଚାରି ସବୁକଥା ବୁଝିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ଚନ୍ଦ୍ରଶେଖର ଆବାସିକ ସେବାଶ୍ରମ ସ୍କୁଲର ପ୍ରଧାନଶିକ୍ଷକ ଗିରୀଶଚନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ଖବର ନଥିବା ପ୍ରକାଶ କରିଥିଲେ। ତେବେ ସାମ୍ବାଦିକ ଓ ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ଏହି ପିଲା ଓ ଅଭିଭାବକମାନଙ୍କୁ ସ୍କୁଲ ପରିସରରେ ରାତିକ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲା।

## ଫର୍ମ ଭରିଲେ, ଟଙ୍କା ଦାଖଲ କଲେ

# +୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଦେଇ ପାରିଲେନି

ପୁରୀ, ୨୬/୬(ଇମିସ): ଟଙ୍କା ଦାଖଲ କରି ଆଜି ଦୁଇ ଜଣ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବାକୁ ଆସି ପ୍ରବେଶପତ୍ର ନ ପାଇ ଫେରିଯିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି । ଫଳରେ ଏହି ଦୁଇ ଜଣ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି । ତେବେ ଏହି ପିଲାଙ୍କ ଭବିଷ୍ୟତ ପ୍ରତି ଖେଳ ଖେଳିବା ସାଧାରଣରେ ନାପସନ୍ଦ କରାଯାଇଛି ।

ଖବର ନେବାରେ ଜଣାପଡ଼ିଛି ଯେ କଲ୍ୟାଣପୁର କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟରେ ଗତ ବର୍ଷ ବାର୍ଷିକ ପରୀକ୍ଷାରେ ଦୁଇ ଜଣ ଛାତ୍ରଛାତ୍ରୀ ରସାୟନ ବିଜ୍ଞାନରେ ଫେଲ୍ ହୋଇଥିଲେ । କଳାଜିତପୁର ନିବାସୀ ସୁକାନ୍ତ ନାୟକଙ୍କ ପୁଅ ଶୁଭଜିତ ନାୟକ ଓ ସୋନାଲି ପ୍ରଧାନ ଏହି ବିଷୟରେ ଫେଲ୍ ହୋଇଥିବାରୁ ସେମାନେ ସ୍ପଟ ପରୀକ୍ଷା ଦେବାପାଇଁ ସ୍ଥିର କରିଥିଲେ । ଏଥିପାଇଁ ସେମାନେ ଗତ ୬ ତାରିଖ ଦିନ କଲେଜରେ ମୁଖ୍ୟ କିରାଣି ରମେଶ ସୁବୁଦ୍ଧିଙ୍କ ନିକଟରେ ଫର୍ମ ଫିଲପ କରିଥିଲେ । ଫର୍ମ ଫିଲପ୍ କରି ମୁଖ୍ୟ କିରାଣୀ ଶ୍ରୀ ସୁବୁଦ୍ଧି ଶୁଭଜିତ ଓ ସୋନାଲିଙ୍କ ଠାରୁ ୭୦୦ ଟଙ୍କା ନେଇ ସେମାନଙ୍କୁ ରସିଦ୍ ମଧ୍ୟ ଦେଇଥିଲେ । ମାତ୍ର ଶୁଭଜିତ ଓ ସୋନାଲି ଆଜି ପରୀକ୍ଷା ଦେବାକୁ ପୁରୀ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଏଠାରେ ଅନ୍ୟ ଛାତ୍ରଛାତ୍ରୀମାନଙ୍କୁ ପ୍ରବେଶ ପତ୍ର ମିଳିଥିବା ବେଳେ ଶୁଭଜିତ ଓ ସୋନାଲିଙ୍କୁ ଏହା ମିଳିନଥିଲା । ଏଠାକୁ ତାଙ୍କ ନାମରେ କୌଣସି ପ୍ରବେଶପତ୍ର ଆସିନାହିଁ ବୋଲି ଉତ୍ତର ପାଇଥିଲେ । ଫଳରେ ଏହି ଦୁଇ ଜଣ ପରୀକ୍ଷା କେନ୍ଦ୍ରକୁ ଯାଇ ନ ପାରି ଫେରିବାକୁ ବାଧ୍ୟ ହୋଇଥିଲେ ।

ଏ ସମ୍ପର୍କରେ ଏହି ଛାତ୍ରଛାତ୍ରୀ କିରାଣି ଶ୍ରୀ ସୁବୁଦ୍ଧିଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ତାଙ୍କ ମୋବାଇଲ ବନ୍ଦ କରି ଦେଇଥିଲେ । ତେଣୁ ଏହି ଛାତ୍ରଛାତ୍ରୀମାନେ କଲେଜ ଅଧ୍ୟକ୍ଷାଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡ଼ିଛି ।

- ଆଡମିଟ୍ କାର୍ଡ ମିଳିଲାନି
- ରିପୋର୍ଟ ମାଗିଲେ ଅଧ୍ୟକ୍ଷ

ଏହି ଅଭିଯୋଗ ପାଇ ଅଧ୍ୟକ୍ଷା ତୃପ୍ତିମୟୀ ପରିଡ଼ା ଆସନ୍ତାକାଲି ୧୨ଟା ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ମୁଖ୍ୟ କିରାଣୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ତେବେ ଏ ସମ୍ପର୍କରେ ଅଧ୍ୟକ୍ଷା ଶ୍ରୀମତି ପରିଡ଼ାଙ୍କୁ ପଚାରିବାରେ ସେ କୁହନ୍ତି ଯେ ମୁଁ ଅଭିଯୋଗ ପାଇବା ପରେ ମୁଖ୍ୟ କିରାଣୀଙ୍କୁ ରିପୋର୍ଟ ମାଗିଛି । ରିପୋର୍ଟ ଦେଖିବା ପରେ ଏହି ତ୍ରୁଟି କେଉଁଠାରେ ହୋଇଛି ତାହା ଜଣାପଡ଼ିବ । ପିଲାମାନଙ୍କ ଭବିଷ୍ୟତ ନଷ୍ଟ ହୋଇଥିବା ନିଶ୍ଚିତ ଭାବରେ ଦୁଃଖଦ ଘଟଣା । ତେବେ ଏହି ତ୍ରୁଟି ଆମ କଲେଜରେ ହୋଇଛି ନା କାଉନ୍‌ସିଲରେ ହୋଇଛି ତାହା ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି ।

# ସ୍କୁଲରେ ତାଲା, ଗଛମୂଳେ ପଢ଼ା

ବାଲିପାଟଣା, ୨୬।୬ (ଇମିସ) : ବାଲିପାଟଣା ବ୍ଲକ୍ ଅନ୍ତର୍ଗତ କୁରୁଞ୍ଜିପୁର ପଞ୍ଚାୟତ ବସନ୍ତମାଳ ଉନ୍ନିତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ନେଇ ଆଜି ଅଭିଭାବକମାନେ ସ୍କୁଲରେ ତାଲା ପକାଇବା ସହିତ ଧାରଣାରେ ବସିଥିଲେ । ସ୍କୁଲ୍ ଫାଟକରେ ତାଲା ପକାଇ ଧାରଣାରେ ବସିବା ଦ୍ୱାରା ସ୍କୁଲ୍ ଖୋଲି ପାରି ନଥିଲା । ବାଧ୍ୟ ହୋଇ ଶିକ୍ଷୟିତ୍ରୀମାନେ ସ୍କୁଲ ସମ୍ମୁଖରେ ଥିବା ଗଛମୂଳେ ପାଠ ପଢ଼ାଇବାକୁ ବାଧ୍ୟ ହୋଇଥିଲେ । ତେବେ ଅପରାହ୍ଣରେ ୨ଜଣ ସ୍କୁଲ୍ ଏସ୍ଆଇ ଆନ୍ଦୋଳନରତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ଫଳ ମିଳି ନଥିବା ଖବର ମିଳିଛି ।

ସ୍ଥାନୀୟ ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଉକ୍ତ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୧୨୮ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ସ୍କୁଲର ମୋଟ୍ ଶିକ୍ଷକ ସଂଖ୍ୟା ୬ଜଣ । ଜଣେ ଶିକ୍ଷକ ସିଆର୍‌ସିସି ଭାବେ କାର୍ଯ୍ୟ କରୁଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ମଧ୍ୟାହ୍ନ ଭୋଜନ ଓ ବ୍ଲକ୍ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି । ଆଉଜଣେ ଶିକ୍ଷୟିତ୍ରୀଙ୍କ ସ୍ୱାସ୍ଥ୍ୟ ଭଲ ନଥିବାରୁ ସେ ସ୍କୁଲର ପ୍ରଥମ ମହଲାରେ ହେଉଥିବା କ୍ଲାସ୍‌କୁ ଯାଇ ପାରନ୍ତି ନାହିଁ । ଗ୍ରାମବାସୀଙ୍କ କହିବାନୁଯାୟୀ ଏତେଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ୩ଜଣ ଶିକ୍ଷୟିତ୍ରୀ ହିଁ ଠିକ୍ ଭାବେ ପାଠ ପଢ଼ାଇଥାଆନ୍ତି । ତେବେ ଏଠାରେ ଥିବା ଜନୈକ ଶିକ୍ଷୟିତ୍ରୀଙ୍କୁ ଏଠାରୁ ବଦଳି କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ବଦଳି ନକରିବା ପାଇଁ ଗ୍ରାମବାସୀମାନେ ବିଡିଓ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ । ମାତ୍ର ଗ୍ରାମବାସୀଙ୍କ ଅନୁରୋଧକୁ କର୍ଣ୍ଣପାତ ନକରି ଗତ ୨୧ ତାରିଖରେ ଚିଠି ନମ୍ବର ୩୧୮୫ ମାଧ୍ୟମରେ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଏହି ଖବର ଗ୍ରାମବାସୀମାନେ ଜାଣିବା ପରେ ଗାଁରେ ଉତ୍ତେଜନା ପ୍ରକାଶ ପାଇଥିଲା । ଆଜି ସ୍କୁଲର ପିଟିଏ ସଭାପତି ଅକ୍ଷୟ ବାରିକ, ବେଣୁଧର ସ୍ୱାଇଁ, ମୁକୁନ୍ଦ ମୁରାରୀ ସାମନ୍ତରାୟ, ଗୁଣନିଧି ବେହେରା, ଅଭିମନ୍ୟୁ ଭୋଇଙ୍କ ସମେତ ବହୁ ପୁରୁଷ ଓ ମହିଳା ସଂପୃକ୍ତ ଶିକ୍ଷୟିତ୍ରୀଙ୍କ ବଦଳି ବାତିଲ କରିବା ଦାବିରେ ଆନ୍ଦୋଳନ କରିଥିଲେ ।

ଏ ନେଇ ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ସଜନୀ ଦେଇ କହିଛନ୍ତି, ଆମର ଜଣେ ଭଲ ଶିକ୍ଷୟିତ୍ରୀଙ୍କୁ ବଦଳି କରାଯିବାରୁ ଗାଁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସ୍କୁଲ ଗେଟ୍‌ରେ ତାଲା ପକାଇବାରୁ ବାଧ୍ୟହୋଇ ଗଛମୂଳେ ପାଠ ପଢ଼ାଉଛୁ । ବିଆର୍‌ସିସି ରମେଶ ଚନ୍ଦ୍ର ମହାରଣା କହିଛନ୍ତି ଛାତ୍ରଛାତ୍ରୀଙ୍କ ଅନୁପାତକୁ ଦୃଷ୍ଟିରେ ରଖି ଡିଆଇ, ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବଦଳି ହୋଇଛି । ତେବେ ସ୍କୁଲରେ ତାଲା ପକାଯିବା ଘଟଣାକୁ ଶୁଣି ଆମେ ସମାଧାନ ପାଇଁ ବିଡିଓଙ୍କ ସହ ଆଲୋଚନା କରୁଛୁ । ବିଡିଓ ପବିତ୍ର ମୋହନ କାନୁନ୍‌ଗୋ କହିଛନ୍ତି ଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ଆମେ କ'ଣ କରି ପାରିବୁ? ତେଣୁ ବାଧ୍ୟ ହୋଇ ପୁଲିସ ଡାକି ତାଲା ଖୋଲିବୁ । ଅନ୍ୟପକ୍ଷରେ ବ୍ଲକ୍ ଅଧ୍ୟକ୍ଷ ଶଶିଭୂଷଣ ପାତ୍ର କହିଛନ୍ତି, ଲୋକଙ୍କ ସମସ୍ୟାକୁ ବିଚାର କରି ସମାଧାନ ସୂତ୍ର ତୁରନ୍ତ ବାହାର କରାଯିବା ଦରକାର ।

ବଦଳିର ପ୍ରତିବାଦ



# ନଳକୂଅ ଅଚଳ, ଛାତ୍ରଛାତ୍ରୀ ହନ୍ତସନ୍ତ



ଭୁବନେଶ୍ୱର,୨୭।୬(ଇମିସ): ଦୀର୍ଘ ଦିନ ହେଲାଣି ଅଚଳ ହୋଇପଡ଼ିଛି ସ୍କୁଲ ନଳକୂଅ। ମରାମତିର ନାଁ ଧରାଯାଉନାହିଁ। ଫଳରେ ପାନୀୟ ଜଳ ପାଇଁ ଛାତ୍ରଛାତ୍ରୀମାନେ ବହୁ ହନ୍ତସନ୍ତ ହେଉଛନ୍ତି। ନଳକୂଅ ଅଚଳ ହୋଇଥିବାରୁ ପାଇଖାନା ବି ଅଚଳ ହୋଇପଡ଼ିଛି। ଏଥିପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ବି କରାଯାଇଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ନିଦ ଭାଙ୍ଗୁନାହିଁ। ଏ ହେଉଛି ଜଟଣୀ ବ୍ଲକ ଗଙ୍ଗପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସ୍ଥା।

ପ୍ରାପ୍ତ ଖବର ଅନୁସାରେ ଷଷ୍ଠ ଓ ସପ୍ତମ ଶ୍ରେଣୀକୁ ନେଇ ଗଠିତଏହି ବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୧୩୦। ଦିନେ ବ୍ଲକର ଏକ ଆଗଧାଡ଼ିର ବିଦ୍ୟାଳୟମାନଙ୍କ ଭିତରୁ ଗୋଟିଏ ବୋଲି ଗଣା ହେଉଥିବା ଏହି ସ୍କୁଲଟି ବିଭାଗୀୟ ଅଧିକାରୀଙ୍କ ବୈମାତୃକ ମନୋଭାବରୁ କିଛି ଦିନ ହେଲା ଅବହେଳିତ ଅବସ୍ଥାରେ ରହିଛି। ଗତ ବର୍ଷର ଅଧା ସମୟ ଜଣେ ଶିକ୍ଷକରେ ବିଦ୍ୟାଳୟଟି ଚାଲିଥିଲା। ତେବେ ସୌଭାଗ୍ୟକୁ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଦୁଇ ଜଣ ଶିକ୍ଷକଙ୍କୁ ନିଯୁକ୍ତି ମିଳିଛି। ତେଣୁ ଶିକ୍ଷକ ଅଭାବ ଦୂର ହୋଇଛି। ମାତ୍ର ଦୂର ହୋଇ ପାରିନି ଜଳ ସଂକଟ। ଗତ ବର୍ଷଠାରୁ ଏହି ବିଦ୍ୟାଳୟ ପରିସରରେ ଥିବା ନଳକୂଅଟି ଅଚଳ ହୋଇ ପଡିଛି। ଫଳରେ ପିଲାମାନେ ପାନୀୟ ଜଳ ପାଇଁ ହନ୍ତସନ୍ତ ହେଉଛନ୍ତି। ପାନୀୟ ଜଳ ସମସ୍ୟା ଯେତିକି ଉତ୍କଟ, ତା'ଠାରୁ ବଳିପଡିଛି ପାଇଖାନା ସମସ୍ୟା। ବିଦ୍ୟାଳୟ ପରିସରରେ ପାଣି ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ପରିସରସ୍ଥ ପାଇଖାନାକୁ ବ୍ୟବହାର କରୁନାହାନ୍ତି। ଫଳରେ ଜଳ ଓ ପରିମଳ ବିଭାଗ ପକ୍ଷରୁ ହଜାର ହଜାର ଟଙ୍କା ବ୍ୟୟରେ ନିର୍ମିତ ସୁନ୍ଦର ପାଇଖାନା ଏବେ ଭାଙ୍ଗିରୁଜି ନଷ୍ଟ ହେବା ଅବସ୍ଥାରେ। ଅବ୍ୟବହୃତ ଅବସ୍ଥାରେ ପଡି ରହିବାରୁ ଏଭଳି ଅବସ୍ଥା। ଏହାବାଦ୍ ଏହି ସମସ୍ୟା ପାଇଁ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ବି ବାଧାପ୍ରାପ୍ତ ହେଉଛି। ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ମହିଳାମାନେ ବଡ଼ ଅସୁବିଧାରେ ବାହାର ନଳକୂଅରୁ ପାଣି ବୋହି ଆଣୁଛନ୍ତି। ରନ୍ଧାରନ୍ଧି ପାଇଁ ଆବଶ୍ୟକ ପାଣି ବୋହିବା ପରେ ଅନ୍ୟ କାମ ପାଇଁ ସେମାନେ ଯଥେଷ୍ଟ ପାଣି ଆଣିପାରୁନାହାନ୍ତି। ତେଣୁ ଅନେକ ସମୟରେ ଖାଇବା ପରେ ପିଇବା ଓ ହାତ ଧୋଇବା ପାଇଁ ପିଲାମାନଙ୍କୁ ପାଣି ମିଳୁନି। ପିଲାମାନେ ପ୍ଲେଟ ଧରି ବାହାର ନଳକୂଅକୁ ହାତ ଓ ପ୍ଲେଟ ଧୋଇବା ପାଇଁ ଯାଉଛନ୍ତି। ବାହାର ନଳକୂଅ ଆଗରେ ଲମ୍ବାଲାଇନ୍ ଲଗାଇ ଖରା ବର୍ଷାରେ ଠିଆ ହେଉଛନ୍ତି। ଏମିତି ସମସ୍ୟା ଭିତରେ କୁନି କୁନି ପିଲାମାନେ କେବଳ ଉବୁଟୁବୁ ହେଉଛନ୍ତି ସିନା ଏମାନଙ୍କ ସମସ୍ୟା ଦୂର ପାଇଁ ବ୍ଲକ ପ୍ରଶାସନ କିଛି ପଦକ୍ଷେପ ନେଉନଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯିବାରେ ସେ କହିଥିଲେ ଯେ ପୁରୁଣା ନଳକୂଅଟି ନଷ୍ଟ ହୋଇଯାଇଛି ଓ ମରାମତି ଯୋଗ୍ୟ ନୁହେଁ। ତେଣୁ ଖୁବ୍ ଶୀଘ୍ର ଏଠାରେ ଏକ ନୂଆ ନଳକୂଅ ଖନନ କରାଯିବ ବୋଲି ସେ କହିଥିଲେ। ମାତ୍ର ଏଭିତରେ ପ୍ରାୟ ୩ ମାସ ବିତିଯାଇଛି। ନା ପୁରୁଣା ନଳକୂଅ ମରାମତି ହୋଇଛି, ନା ନୂଆ ଖନନ ହୋଇଛି। ଏନେଇ ଆଜି ତାଙ୍କ ସହ ମୋବାଇଲ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ୍ ରିସିଭ୍ କରିନଥିଲେ।

# ସ୍କୁଲ୍ ଛାତ ଭୁଶୁଡ଼ିଲା, ବତଲେ ଛାତ୍ରଛାତ୍ରୀ



କୋରାପୁଟ,୨୮।୬(ଇମିସ): କୋରାପୁଟ ମେଡ଼ିକାଲ୍ ଲାଇନ୍‌ରେ ଥିବା ପବ୍ଲିକ୍ ସ୍କୁଲ୍‌ର ଛାତ ଆଜି ଅପରାହ୍ଣରେ ଭୁଶୁଡ଼ି ପଡିଛି। ଦୁଇ ମହଲା ବିଶିଷ୍ଟ ଏହି ସ୍କୁଲ୍‌ର ଉପର ମହଲା ଛାତ ଭୁଶୁଡ଼ିବା ପରେ ତଳ ମହଲା କ୍ଷତିଗ୍ରସ୍ତ ହୋଇଛି। ପିଲର୍ ସହ ଛାତ ବିପଦ ସଂକୁଳ ଭାବେ ଓହଳି ରହି ଥିବାରୁ ଆଖପାଖରେ ଥିବା ଲୋକମାନେ ଭୟଭୀତ ଅବସ୍ଥାରେ ଅଛନ୍ତି। ସୌଭାଗ୍ୟବଶତଃ ସ୍କୁଲ୍ ଛୁଟିଥିବାରୁ ଏକ ବଡ ଧରଣର ଅଘଟଣରୁ ଛାତ୍ରଛାତ୍ରୀ ବର୍ତ୍ତି ଯାଇଛନ୍ତି।

ସୂଚନାଯୋଗ୍ୟ, ସୁନାବେଡା ପବ୍ଲିକ୍ ସ୍କୁଲ୍ ଦ୍ୱାରା ପରିଚାଳିତ ଏହି ସ୍କୁଲ୍‌ରେ ନର୍ସରୀରୁ ଆରମ୍ଭ କରି ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲ୍‌ରେ ୪ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଥିବା ବେଳେ ୩୦ ବର୍ଷର ପୁରୁଣା ବିଲଡିଂରେ ଶିକ୍ଷାଦାନ ଚାଲିଛି। ଭାଙ୍ଗି ପଡିଥିବା ଛାତ ଓ ପିଲର୍ ଦୀର୍ଘ ଦିନ ହେଲା ଫାଟି ବିପଦ ସଂକୁଳ ଅବସ୍ଥାରେ ରହିଥିଲା। କିନ୍ତୁ ସ୍କୁଲ୍ କର୍ତ୍ତୃପକ୍ଷ ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନଥିଲେ। ଗତ କିଛି ଦିନ ଧରି ଲାଗି ରହିଥିବା ଲଗାଣ ବର୍ଷାରେ ଛାତ ଓ ପିଲର୍ ଅଧିକ ଦୁର୍ବଳ ହେବା ପରେ ଆଜି ଅପରାହ୍ଣରେ ହୋଇଥିବା ବର୍ଷାରେ ଭୁଶୁଡ଼ି ପଡିଥିଲା। ସ୍କୁଲ୍ ୨ଟାରେ ଛୁଟି ହୋଇ ଯାଇଥିବାରୁ ଛାତ୍ରଛାତ୍ରୀ ଘରକୁ ଚାଲି ଯାଇଥିଲେ। ସ୍କୁଲ୍ କର୍ତ୍ତୃପକ୍ଷ ମଧ୍ୟ ନଥିଲେ। ଅପରାହ୍ଣ ୩ଟା ୧୫ ମିନଟ୍‌ରେ ଏହି ଘଟଣା ଘଟିବା ପରେ ସ୍କୁଲ୍ ପାର୍ଶ୍ୱରେ ବାସ କରୁଥିବା ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଭୁଶୁଡ଼ି ଥିବା ଛାତ ଅଂଶ ସ୍କୁଲ୍‌ର ଉପରା ମହଲାକୁ ଯିବା ପାଇଁ ଥିବା ସିଡିର ଉପରେ ଥିଲା। ସ୍କୁଲ୍ ସମୟରେ ଛାତ ଭୁଶୁଡ଼ି ଥିଲେ ବଡ ଧରଣର ଅଘଟଣ ଘଟିଥାନ୍ତା ବୋଲି ଅଭିଭାବକମାନେ କହିଛନ୍ତି। ଘଟଣା ସଂପର୍କରେ ସ୍କୁଲ୍‌ର ଅଧ୍ୟକ୍ଷଙ୍କୁ ପଚାରିବା ପାଇଁ ଚେଷ୍ଟା କରାଯାଇ ଥିଲା, କିନ୍ତୁ ଯୋଗାଯୋଗ ହୋଇନପାରିବାରୁ ମତାମତ ମିଳିପାରିନାହିଁ।

# ନର୍ସରୀ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ, ୫ ଅଟକ

ରାୟଗଡ଼ା/ଗୁଣପୁର ୨୮/୬ (ଇମିସ): ଗୁଣପୁର ପୁରୁଣା ବସଷ୍ଟାଣ୍ଡ ନିକଟ (ବାଘୁଆ ଦେଉଳ)ରେ ଥିବା ଗାନ୍ଧୀ ପବ୍ଲିକ ସ୍କୁଲର ଜଣେ ନର୍ସରୀ ଛାତ୍ରୀ ପ୍ରତି ଦୁଷ୍କର୍ମ ଅଭିଯୋଗ ଘଟଣା ସହରରେ ଚାଞ୍ଚଲ୍ୟ ଖେଳିଯାଇଛି । ଶିଶୁକନ୍ୟା ପ୍ରତି ପାଶବିକ ଅତ୍ୟାଚାର ସଂପର୍କରେ ମର୍ମାହତ ପ୍ରଫେସର ବାପା ପବ୍ଲିକ ସ୍କୁଲର କର୍ତ୍ତୃପକ୍ଷଙ୍କ ବିରୋଧରେ ଗୁଣପୁର ଥାନାରେ ଏତଲା ଦାୟର କରିଥିବା ବେଳେ ଦୁଇ ଦୁଇ ଥର କୁନି ଝିଅର ଡ଼ାକ୍ତର ମାଇନା ହୋଇଥିବା ଜଣାପଡ଼ିଛି । ଛାତ୍ରୀର ସମ୍ବେଦନଶୀଳ ଅଂଗରେ କ୍ଷତ ହୋଇ ରକ୍ତସ୍ରାବ ହୋଇଥିବା ବେଳେ କେଉଁ କାରଣରୁ କ୍ଷତ ହୋଇଛି ସ୍ପଷ୍ଟ ହୋଇପାରିନାହିଁ । ଅପର ପକ୍ଷରେ ପୁଲିସ ଘଟଣାର ପରଦା ଉଠାଇବା ପାଇଁ ଉଦ୍ୟମ ଆରମ୍ଭ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଥାନାକୁ ଡ଼ାକି ପଚରା ଉଚରା ଆରମ୍ଭ କରିଦେଇଛନ୍ତି ।

ମିଳିଥିବା ତଥ୍ୟ ଅନୁଯାୟୀ ଗତ ବୁଧବାର ଦିନ ଜନୈକ ପ୍ରଫେସରଙ୍କ ସାଢ଼େ ତିନିବର୍ଷର ଝିଅ ଗୁଣପୁର ସହର ମଧ୍ୟରେ ଥିବା ଗାନ୍ଧୀ ପବ୍ଲିକ ସ୍କୁଲ ନର୍ସରୀରେ ପାଠ ପଢ଼ିବାକୁ ସକାଳ ସାଢେ ୭ଟା ବେଳେ ଯାଇ ମଧ୍ୟାହ୍ନ ୧୨ଟାରେ ଘରକୁ ଫେରିଥିଲେ । ତେବେ ରକ୍ତସ୍ରାବ ହେଉଥିବା ଅଭିଭାବକ ମାନେ ସନ୍ଧ୍ୟା ୫ ଟା ବେଳେ ଦେଖିଥିଲେ । ଗତକାଲି ଅଭିଭାବକ ମାନେ ଝିଅକୁ ଧରି ଗୁଣପୁର ଡ଼ାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ । ଡ଼ାକ୍ତର ଖାନାରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡ଼ାକ୍ତର ପ୍ରଦୀପ ପଣ୍ଡା ପରୀକ୍ଷା କରି ଦୁଷ୍କର୍ମ ହୋଇଥିବା ନେଇ ସନ୍ଦେହ ପ୍ରକାଶ କରି ଏହି ସଂପର୍କରେ ଥାନାକୁ ଜଣାଇବା ପାଇଁ ପରିବାର ଲୋକଙ୍କୁ ପରାମର୍ଶ ଦେଇଥିଲେ । ଏଥିସହ ଡାକ୍ତର ପଣ୍ଡା ଗୋଟିଏ ଷ୍ଟିଚ୍ କରି ଛାଡ଼ି ଦେଇଥିଲେ । ପ୍ରଫେସର ବାପା ଥାନାକୁ ଯାଇ ଏ ନେଇ ଏତଲା ଦେବାପରେ କେସ ନଂ-୮୩/୧୩ ଓ ୩୭୬/୪ ଶିଶୁ ସୁରକ୍ଷା ଆଇନ ଦଫା ଲଗାଇ ମାମଲା ରୁଜୁକରିବା ସହ ଥାନା ଅଧିକାରୀ ଗୌରଚନ୍ଦ୍ର ସାହୁ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପୁଲିସ ଏହି ଘଟଣାରେ ଗାନ୍ଧୀ ପବ୍ଲିକ ସ୍କୁଲର ୫ ଜଣ କର୍ମଚାରୀଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରିଛି । ତେବେ ଛାତ୍ରୀଜଣକୁ ପବ୍ଲିକ ସ୍କୁଲ କର୍ମଚାରୀ ମାନଙ୍କ ଫଟୋ ଦେଖାଇ ପଚାରିବାରୁ ବିଶେଷ ପ୍ରତିକ୍ରିୟା ନଥିଲା ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି । ଏହାପରେ ଆଜି ସକାଳେ ପୁଣି ଥରେ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ପ୍ରଦୀପ ପଣ୍ଡା ଏବଂ ଡାକ୍ତର ସୁଜାତା ଗମାଙ୍ଗ ମିଳିତ ଭାବେ ପୀଡ଼ିତା ଝିଅଟିର ଡାକ୍ତରୀ ମାଇନା କରିଥିବା ଜଣାପଡ଼ିଛି ।

# କର୍ଣ୍ଣେଲଙ୍କୁ କୁର୍ଣ୍ଣିସ୍, ଯୁବକଙ୍କୁ ବେଡ଼ି



ଭୁବନେଶ୍ୱର,୨୭।୬(ଇମିସ): ନିଜ ପତ୍ନୀଙ୍କୁ ୩୦୦ ଟୁକୁଡ଼ା କରି ଦେଇଥିବା ଅବସରପ୍ରାପ୍ତ କର୍ଣ୍ଣେଲଙ୍କ ଇଂରାଜୀ ଗାଳି ଆଗରେ ମୂଷା ଭଳି ବ୍ୟବହାର କରୁଥିବା ରାଜଧାନୀର ନୂଆପଲ୍ଲୀ ଥାନା ପୁଲିସ ଜଣେ ସାଧାରଣ ଅଭିଯୁକ୍ତଙ୍କ ଗୋଡ଼ରେ ବେଡ଼ି ପକାଇ ଟେବୁଲରେ ବାନ୍ଧି ରଖିବା ଘଟଣା ଆଜି ଚର୍ଚ୍ଚାର ବିଷୟ ହୋଇଛି । ସୁପ୍ରିମକୋର୍ଟ ଗାଇଡ୍‌ଲାଇନ୍ ଏବଂ ମାନବାଧିକାର କମିସନ୍‌ଙ୍କ ନିର୍ଦ୍ଦେଶାବଳିକୁ ବି ଆଖି ବୁଜି ଦେଇଛି ପୁଲିସ ।

ଜଣେ ଯୁବକଙ୍କୁ ଆଜି ଥାନା ଭିତରେ ବେଡ଼ି ପକାଇ ରଖାଯାଇଥିବାର ଦେଖିବାକୁ ମିଳିଥିଲା । ଥାନାର ଜଣେ ଅଧିକାରୀ ଟେବୁଲରେ ବସି କାମ କରୁଥିବା ବେଳେ ଏହି ଟେବୁଲ ଗୋଡ଼ରେ ଉକ୍ତ ଯୁବକଙ୍କୁ ବାନ୍ଧି ରଖାଯାଇଥିବାର ଦେଖିବାକୁ ମିଳିଥିଲା । ଯୁବକଙ୍କ ଡାହାଣ ଗୋଡ ସହିତ ଟେବୁଲ୍ ଗୋଡକୁ ମିଶାଇ ଏକ ହ୍ୟାଣ୍ଡକପ୍ ପକାଇ ଦିଆଯାଇଥିଲା । ସକାଳ ପ୍ରାୟ ୧୧ଟାରୁ ଯୁବକ ଜଣକ ସେହି ଗୋଟିଏ ସ୍ଥାନରେ ବସି ରହିଥିଲେ । ଏହା ଦେଖିବା ପରେ ଯୁବକଜଣକ କିଏ ଓ ସେ କେଉଁ ଅଭିଯୋଗରେ ଗିରଫ ହୋଇଛନ୍ତି ସେ ପଚରାଯିବାରୁ ପୁଲିସ କିଛି ବି କହିନାହିଁ । ଯୁବକଙ୍କ ପରିଚୟ ମଧ୍ୟ ପୁଲିସ ଦେବାକୁ ମନା କରିଛି । କେଉଁ ପରିସ୍ଥିତିରେ ଗୋଡ଼ରେ ଏପରି ବେଡ଼ି ପକାଇବାକୁ ପଡିଛି ସେ ନେଇ ପୁଲିସ ମୁହଁ ଖୋଲିବାକୁ ନାରାଜ ।

## କମିସନରେଟ୍ ପୁଲିସର ବିଚିତ୍ର ନୀତି

ଥାନାରେ ଏପରି ବେଡ଼ି ପକାଇବା ଘଟଣା ଅତ୍ୟନ୍ତ ଅମାନବୀୟ ବୋଲି କହିଛନ୍ତି ଜଣେ ମାନାବାଧିକାର କର୍ମୀ । ସେ କହିଛନ୍ତି ଅଭିଯୁକ୍ତ ଜଣକ ଯଦି ଅତି ଦୁର୍ଦାନ୍ତ ହୋଇଥିବ ତେବେ ପୁଲିସ ତାଙ୍କୁ ହାଜତରେ ରଖି ପାରିବ । କିନ୍ତୁ ଗୋଡ଼ରେ ଏପରି ବେଡ଼ି ପକାଇ ନୁହେଁ । କୋର୍ଟରେ ଦୋଷୀସାବ୍ୟସ୍ତ ଓ ଦଣ୍ଡିତ ଦୁର୍ଦାନ୍ତ ଆସାମୀମାନଙ୍କୁ ବି ଏବେ ମୁକ୍ତାକାଶ କାରାଗାରେ ରଖାଯାଉଥିବା ବେଳେ ଥାନାକୁ ଆସୁଥିବା ଅଭିଯୁକ୍ତଙ୍କୁ ବେଡ଼ି ପକାଇବା ମାନବାଧିକାରର ଖୋଲା ଉଲ୍ଲଂଘନ ବୋଲି ସେ କହିଛନ୍ତି ।

ବଡ଼ବଡ଼ିଆ ଲୋକ, ବିଲ୍ଡର୍, ଚିଟ୍‌ଫଣ୍ଡ ମାଲିକ ଓ ପେସାଦାର ଅପରାଧୀଙ୍କୁ ପୁଲିସ ବେଶ୍ ଭଦ୍ର ବ୍ୟବହାର ଦେଖାଉଥିବା ବେଳେ ସାଧାରଣ ଲୋକଙ୍କ ଉପରେ ରୋବ୍ ଦେଖାଉଛି ବୋଲି ଅଭିଯୋଗ ହୋଇ ଆସୁଛି ।

ସେହିପରି ଆଇନଜୀବୀ ଅଶୋକ କୁମାର ବଡ଼ପଣ୍ଡା କହିଛନ୍ତି ସୁପ୍ରିମକୋର୍ଟର ଗାଇଡଲାଇନ୍ ଅନୁଯାୟୀ ଜଣେ ଅଭିଯୁକ୍ତକୁ ଥାନା ଭିତରେ ନିର୍ଯାତନା ଦିଆଯାଇ ପାରିବ ନାହିଁ । ପୁଲିସ ଯାହାକୁ ଗିରଫ କରିବ ତାକୁ ଥାନା ହାଜତରେ ରଖି ପାରବ । କିନ୍ତୁ ହ୍ୟାଣ୍ଡକପ୍ ପକାଇ ନୁହେଁ । ବେଡ଼ି ତ ଆଦୌ ନୁହେଁ ।

## ଚାକିରି ଦେବା ନାଁରେ ଠକେଇ

# ଥାନାରୁ ମହିଳା କନ୍‌ଷ୍ଟେବଲ ଗିରଫ

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୨୭।୬(ଇମିସ): ଚାକିରି କରାଇଦେବା ନାଁରେ ଦୁଇଜଣ ଯୁବତୀଙ୍କଠାରୁ ୪୦ ହଜାର ଟଙ୍କା ଠକି ନେଇଥିବା ମାହାଙ୍ଗା ଥାନାର ମହିଳା କନ୍‌ଷ୍ଟେବଲ କବିତା ମଲ୍ଲିକଙ୍କୁ ନେମାଳ ପୁଲିସ, ଥାନାରୁ ଗରଫ କରିଛି। ଥାନାରୁ ମହିଳା କନ୍‌ଷ୍ଟେବଲ ଗିରଫ ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଗିରଫ କନ୍‌ଷ୍ଟେବଲଙ୍କୁ କୋର୍ଟ ଚାଲାଣ କରାଯାଇଛି।



ପ୍ରକାଶ ଯେ, ୨୦୧୧ ମସିହା ମାର୍ଚ୍ଚ ମାସରେ କେନ୍ଦ୍ରାପଡ଼ା ପାଟକୁରା ଥାନା ଅଧୀନ ଭାରିଗୋଳ ଗ୍ରାମର ନାରାୟଣ ମଲ୍ଲିକ ଏକ ଯୌତୁକ ନିର୍ଯାତନା ମାମଲାରେ ଅଭିଯୋଗ କରିବାକୁ ନେମାଳ ଥାନାକୁ ଆସିଥିଲେ। ନେମାଳ ଥାନା ଅଧୀନ ଦାମୋଦରପୁର ଗ୍ରାମରେ ବିବାହ କରିଥିବା ନାରାୟଣଙ୍କ ଝିଆରି ରଶ୍ମିତାଙ୍କୁ ଶାଶୁଘର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଥିଲା। ସେହି ସମୟରେ ନେମାଳ ଥାନାରେ କାର୍ଯ୍ୟରତ ମହିଳା କନ୍‌ଷ୍ଟେବଲ କବିତା ମଲ୍ଲିକଙ୍କ ସହ ସେମାନଙ୍କର ପରିଚୟ ହୋଇଥିଲା। ନାରାୟଣ, ତାଙ୍କ ଝିଆରି ରଶ୍ମିତାଙ୍କୁ ହୋମଗାର୍ଡ ଚାକିରି କରାଇ ଦେବାକୁ କହି ନାରାୟଣଙ୍କଠାରୁ ୨୫ ହଜାର ଓ ରଶ୍ମିତାଙ୍କଠାରୁ ୧୫ ହଜାର ଟଙ୍କା କନେଷ୍ଟବଲ କବିତା ମଲ୍ଲିକ ନେଇଥିଲେ। ଟଙ୍କା ଦେବାର କିଛି ଦିନ ପରେ ଚାକିରି ନ ପାଇବାରୁ ଦୁହେଁ ଟଙ୍କା ଫେରସ୍ତ ମାଗିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଉକ୍ତ କନେଷ୍ଟବଲ ଦାଦା ଓ ଝିଆରିଙ୍କୁ ଗାଳିଗୁଲଜ କରିବା ସହ ବିଭିନ୍ନ କେସ୍‌ରେ ଛନ୍ଦି ଦେବାକୁ ଧମକ ଦେଇଥିଲେ। ଏହା ମଧ୍ୟରେ ଉକ୍ତ ମହିଳା କନ୍‌ଷ୍ଟେବଲ ନେମାଳ ଥାନାରୁ ମାହାଙ୍ଗା ଥାନାକୁ ବଦଳି ହୋଇ ଆସିଥିଲେ। ଏ ସଂପର୍କରେ ନେମାଳ ଥାନାରେ ଅଭିଯୋଗ ହେବା ପରେ ନେମାଳ ଥାନାରେ ଏକ କେସ୍ ୪୦/୧୩ ରୁଜୁ ହୋଇଥିଲା। ନେମାଳ ଥାନା ଏସ୍.ଆଇ. ପବିତ୍ର ମହାରଣା ଆଜି ସଦଳବଳ ମାହାଙ୍ଗା ଥାନାରେ ପହଞ୍ଚି କନେଷ୍ଟବଳ କବିତାକୁ ଗିରଫ କରିଥିଲେ। ମହିଳା କନ୍‌ଷ୍ଟେବଳ ସାଲେପୁର ବ୍ଲକ ଚନ୍ଦ୍ରାଦେଈପୁର ଗ୍ରାମର ବାସିନ୍ଦା ବୋଲି ଜଣାଯାଇଛି।

## ଯବାନଙ୍କ ମାଡ଼ରେ ଯବାନଙ୍କ ପରିବାର ଆହତ

# ଗୋଡ଼ାଇ ପିଟିଲେ, ବାଦ୍ ପଡିଲେନି ମହିଳା ଓ ଶିଶୁ

ଘୁ.ଉଦୟଗିରି, ୨୯।୬ (ଇମିସ): ଘୁ.ଉଦୟଗିରିରେ ଆଇଆରବି ଯବାନଙ୍କ ଉନ୍ମତ୍ତକାଣ୍ଡ। ସାମାନ୍ୟ କଥାକୁ ନେଇ ଇଣ୍ଡିଆନ ରିଜର୍ଭ ବାଟାଲିଅନ(ଆଇଆରବି) ଯବାନମାନେ ସେନାର ଜଣେ ଯବାନଙ୍କ ପରିବାରକୁ ନିସ୍ତୁକ ମାଡ଼ ମାରିଛନ୍ତି। ଏପରିକି ଯିଏ ଏହାର ବିରୋଧ କଲା ସିଏ ଯବାନଙ୍କ ରୋଷର ଶିକାର ହେଲା। ଯବାନମାନେ ବଜାର ସାରା ଲୋକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏହାକୁ ନେଇ ଘୁ.ଉଦୟଗିରି ସହରରେ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଲୋକେ ଟାୟାର ଜାଳି ଗାନ୍ଧିଛକ ଠାରେ ରାସ୍ତାରୋକ କରିଥିଲେ। ଏହି ସମୟରେ ବିଦ୍ୟୁତ୍ କଟିଯିବାରୁ ଉତ୍ତେଜନା ଆହୁରି ବଢିଥିଲା।

ଜି.ଉଦୟଗିରି ପାଙ୍ଗୀନାଜୁ ଗାଁର ଲକ୍ଷ୍ମଣ ପ୍ରଧାନ ସେନା ବାହିନିରେ ଚାକିରି କରନ୍ତି। ସେ ଆଜି ପରିବାର ସହ ଘୁ. ଉଦୟଗିରି ବଜାରକୁ ମାର୍କେଟିଂ କରିବାକୁ ଆସିଥିଲେ। କିଣାକିଣି ପରେ ରାତି ପ୍ରାୟ ଆଠଟା ବେଳେ ଲକ୍ଷ୍ମଣ, ତାଙ୍କ ସ୍ତ୍ରୀ କୌଶଲ୍ୟା ପ୍ରଧାନ, ସାନଭାଇ ସଞ୍ଜୟ ପ୍ରଧାନ ଓ ଆଠ ମାସର ପୁଅଙ୍କୁ ଧରି ବଜାରର ଗାନ୍ଧିଛକରେ ଠିଆ ହୋଇଥିଲେ। ଏହି ସମୟରେ ସେଠାରେ ଡ୍ୟୁଟି କରୁଥିବା ଆଇଆରବି ଯବାନମାନେ ତାଙ୍କୁ ରାସ୍ତାରୁ ସାଇଡ୍ ହେବାକୁ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ ବଚସା ହୋଇଥିଲା। ଆଇଆରବି ଯବାନମାନେ ଏଥିରେ ଉତକ୍ଷିପ୍ତ ହୋଇ ଲକ୍ଷ୍ମଣ ଓ ତାଙ୍କ ଭାଇଙ୍କୁ ନିସ୍ତୁକ ପିଟିଥିଲେ। ଏପରିକି ଲକ୍ଷ୍ମଣଙ୍କ ସ୍ତ୍ରୀ କୌଶଲ୍ୟା ଓ ଆଠ ମାସର ପୁଅ ମଧ୍ୟ ଏଥିରୁ ବାଦ୍ ପଡିନଥିଲେ। ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକମାନେ ଏହାର ବିରୋଧ କରିବାକୁ ଯବାନମାନେ ସେମାନଙ୍କୁ ମଧ୍ୟ ଛାଡି ନଥିଲେ। ଥାନାରେ ଥିବା ଆଉ କିଛି ଯବାନ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଗୋଡାଇ ଗୋଡାଇ ପିଟିଥିଲେ। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ୟକ୍ତ ଲୋକେ ଟାୟାର ଜାଳି ଗାନ୍ଧିଛକରେ ରାସ୍ତା ଅବରୋଧ କରିଥିଲେ। ଏହି ସମୟରେ ହଠାତ ଲାଇନ୍ କଟି ଯାଇଥିଲା। ଜାଣିଶୁଣି ଲାଇନ୍ କାଟି ଦିଆଯାଇଛି ବୋଲି ଅଭିଯୋଗ କରି ଲୋକମାନେ ସାଉଥକୋ କାର୍ଯ୍ୟାଳୟରେ ଭାଙ୍ଗୀରୁଜା କରିଛନ୍ତି।

---

# ପୋସ୍କୋ ପାଇଁ ଆଶାର କିରଣ

## ପରିବେଶ ମଂଜୁରୀ ନବୀକରଣ ପାଇଁ କମିଟିର ସୁପାରିସ

ନୂଆଦିଲ୍ଲୀ,୨୦/୬: ପୋସ୍କୋ ପ୍ରକଳ୍ପର ପରିବେଶ ମଂଜୁରି ସଂପର୍କରେ ପୁନର୍ବିଚାର ପାଇଁ କେନ୍ଦ୍ର ଜଂଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ଗଠିତ କମିଟି ଏହାର ରିପୋର୍ଟ ପ୍ରଦାନ କରିଛି। ପୋସ୍କୋ ପ୍ରକଳ୍ପ ପାଇଁ ପରିବେଶ ମଂଜୁରି ପୁଣି ଥରେ ପ୍ରଦାନ କରିବାକୁ ଏହି କମିଟି ସରକାରଙ୍କୁ ସୁପାରିସ୍ କରିଛି। ଫଳରେ ଜଗତ୍‌ସିଂହପୁର ଜିଲ୍ଲାରେ କଂପାନିର ପ୍ରସ୍ତାବିତ ମେଗା ଇସ୍ପାତ ପ୍ରକଳ୍ପ ପାଇଁ ଆଶାର ନୂଆ କିରଣ ଦେଖାଦେଇଛି। ସୂଚନାଯୋଗ୍ୟ ୨୦୧୧ ଜାନୁଆରୀରେ ତତ୍କାଳୀନ ଜଂଗଲ ଓ ପରିବେଶ ମନ୍ତ୍ରୀ ଜୟରାମ ରମେଶ ପୋସ୍କୋର ପରିବେଶ ମଂଜୁରିକୁ ୩୨ଟି ଅତିରିକ୍ତ ସର୍ତ ପାଳନ ସହିତ ପ୍ରଦାନ କରିବା ନିଷ୍ପତ୍ତି ନେଇଥିଲେ। ତେବେ ମନ୍ତ୍ରୀଙ୍କର ଏହି ନିଷ୍ପତ୍ତିକୁ ବିରୋଧ କରି ଜାତୀୟ ସବୁଜ ଟ୍ରିବ୍ୟୁନାଲରେ ପିଟିସନ ଦାଖଲ ପରେ ୨୦୧୨ ମାର୍ଚରେ ଜାତୀୟ ସବୁଜ ଟ୍ରିବ୍ୟୁନାଲ କେନ୍ଦ୍ର ଜଂଗଲ ଓ ପରିବେଶ ମନ୍ତ୍ରଣାଳୟ ଦ୍ୱାରା ପ୍ରଦାନ କରାଯାଇଥିବା ପରିବେଶ ମଂଜୁରିକୁ ରଦ୍ଦ କରିବା ପାଇଁ ଚୂଡ଼ାନ୍ତ ରାୟରେ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ଗୋଟିଏ ବିଶେଷଜ୍ଞ କମିଟି ଗଠନ କରି ପୁଣି ଥରେ ସମୀକ୍ଷା କରିବା ପାଇଁ କହିଥିଲେ। ପରିବେଶ ମଂଜୁରି କମିଟିର ବୈଠକରେ ପୋସ୍କୋ ପ୍ରକଳ୍ପ ନିର୍ମାଣ କାର୍ଯ୍ୟକ୍ରମରେ କିଛିଟା ପରିବର୍ତ୍ତନ କରାଯାଇଛି।

ପୋସ୍କୋ ଓଡ଼ିଶାରେ ନିର୍ମାଣ କରିବାକୁ ଥିବା ବାର୍ଷିକ ୧୨ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ ପ୍ରକଳ୍ପ ପାଇଁ ମୋଟ ୪,୦୦୪ ଏକର ଜମି ଆବଶ୍ୟକ। ତେବେ ପ୍ରକଳ୍ପର ଉତ୍ପାଦନ କ୍ଷମତା ହ୍ରାସ କରାଯାଇଥିବାରୁ ୨୭୦୦ ଏକର ଜମିରେ ପ୍ରାରମ୍ଭିକ ଭାବେ ପୋସ୍କୋ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବାର ଯୋଜନା ରହିଛି।। ସେଥିମଧ୍ୟରୁ ଓଡ଼ିଶା ସରକାର ଏପର୍ଯ୍ୟନ୍ତ ପୋସ୍କୋକୁ ୧୭୦୦ ଏକର ଜମି ପ୍ରଦାନ କରି ସାରିଥିବା ବେଳେ ଜମି ଅଧିଗ୍ରହଣ କାର୍ଯ୍ୟ ଏବେ ଜାରି ରହିଛି। ପ୍ରାରମ୍ଭିକ ଭାବେ ୮ ନିୟୁତ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ପ୍ରକଳ୍ପ ପୋସ୍କୋ ସ୍ଥାପନ କରିବ। ଅବଶିଷ୍ଟ ଜମି ଅଧିଗ୍ରହଣ ପରେ ୧୨ ନିୟୁତ ଟନକୁ ପ୍ରକଳ୍ପ କ୍ଷମତା ବୃଦ୍ଧି କରାଯିବ ବୋଲି ପୋସ୍କୋ ପକ୍ଷରୁ ପୂର୍ବରୁ ପ୍ରକାଶ କରାଯାଇଥିଲା। ଲୁହାପଥର ପାଇଁ ପୋସ୍କୋ ଖଣ୍ଡାଧାର ଖଣି ପାଇଁ ଆବେଦନ କରିଛି। ତେବେ ଏହା ପୂର୍ବରୁ ଓଡ଼ିଶା ଖଣି ନିଗମରୁ ପୋସ୍କୋ ଲୁହାପଥର ଚାହିଦା ମେଣ୍ଟାଇବ ବୋଲି କଂପାନି ପକ୍ଷରୁ ପ୍ରକାଶ କରାଯାଇଛି।

# ୨୨ ଜୁନ୍‌କୁ କଳାଦିବସ ପାଳିବ ପୋସ୍କୋ ପ୍ରତିରୋଧ ଜନ ସଂଘର୍ଷ ମଞ୍ଚ

ଭୁବନେଶ୍ୱର, ୧୯।୬(ଇମିସ): ଆସନ୍ତା ଜୁନ୍ ୨୨କୁ କଳାଦିବସ ଭାବେ ପାଳନ କରିବ ପୋସ୍କୋ ପ୍ରତିରୋଧ ଜନ ସଂଘର୍ଷ ମଞ୍ଚ। ଏହି ଦିନ ରାଜ୍ୟର ସମସ୍ତ ପୋସ୍କୋ ବିରୋଧୀ ଶକ୍ତି, ସଂଗଠନ, ଛାତ୍ର, ଯୁବକ, ମହିଳା, ବୁଦ୍ଧିଜୀବୀ ଓ କଳାକାର ସକାଳ ୯ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ପୋସ୍କୋ ପ୍ରକଳ୍ପର ରାଜ୍ୟବ୍ୟାପୀ ବିରୋଧ କରିବେ। ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୋସ୍କୋ ପ୍ରତିରୋଧ ଜନ ସଂଘର୍ଷ ମଞ୍ଚ ସଦସ୍ୟ ଶିବରାମ କହିଲେ ଲୋୟର ପିଏମ୍‌ଜିରେ ଗତ ୩୬ଦିନ ଧରି ମଞ୍ଚ ଗଣଧାରଣା ଦେଇଛି। ଏଥିରେ ରାଜ୍ୟର ପ୍ରାୟ ସମସ୍ତ ବିସ୍ଥାପନ ବିରୋଧୀ ଆନ୍ଦୋଳନ, ସଂଗଠନ, ରାଜେନୈତିକ ଦଳର ପ୍ରତିନିଧୀ ଅଂଶଗ୍ରହଣ କରିଛନ୍ତି। ଏହି ଧାରଣାକୁ ସମର୍ଥନ କରି ବିଭିନ୍ନ ସଂଗଠନ ପକ୍ଷରୁ ରାଜ୍ୟବ୍ୟାପୀ ଗଣ ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟରେ ବିକାଶ ନାଁରେ ଚାଲିଥିବା ବିନାଶକୁ ବିରୋଧ କରାଯିବ ବୋଲି ସେ କହିଥିଲେ। ବିଦେଶୀ କମ୍ପାନି ପୋସ୍କୋ ସହିତ ରାଜ୍ୟ ସରକାରଙ୍କ ବୁଝାମଣା ଆସନ୍ତା ୨୨ତାରିଖରେ ୮ବର୍ଷ ପୁରୁଛି। ତେଣୁ ଏହି ଦିବସକୁ କଳା ଦିବସଭାବେ ପାଳନ କରିବାକୁ ୪ଟି ବାମପନ୍ଥୀ ରାଜନୈତିକ ଦଳ ଓ ପୋସ୍କୋ ପ୍ରତିରୋଧ ଜନ ସଂଘର୍ଷ ମଞ୍ଚ ନିଷ୍ପତ୍ତି ନେଇଥିବା ଶିବରାମ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ବିଶ୍ୱପ୍ରିୟ କାନୁନ୍‌ଗୋ, ବସ୍ତି ସୁରକ୍ଷା ମଞ୍ଚର ସଭାପତି ରାମଚନ୍ଦ୍ର ସାହୁ, ପ୍ରମିଳା ବେହେରା, ଆଶାମଣୀ ସାହୁ, ହେନାମଣୀ ବାରିକ, ଜୟଦେବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଇନ୍ଦ ବାରାଥ୍‌ର ବେଆଇନ ନିର୍ମାଣ

ସମ୍ବଲପୁର,୨୬/୬(ଇମିସ): ବର୍ଷେ ଅଧେ ନୁହେଁ, ପୁରୁଷାନୁକ୍ରମେ ଧରି ଜଂଗଲ ଜମିରେ ଘର କରି ରହୁଥିବା ଆଦିବାସୀ ମୁଣ୍ଡା ପରିବାରକୁ ଘର ଛାଡ଼ିବାକୁ ପଡ଼ିବ। ଘରୋଇ ବିଦ୍ୟୁତ ଉତ୍ପାଦନକାରୀ କମ୍ପାନି ଇନ୍ଦ ବାରାଥ ପାଇଁ ଅହେତୁକ ଅନୁକମ୍ପା ଦେଖାଇ ବନହରପାଲି ପାଖ ମୁଣ୍ଡାପଡ଼ାରେ ଥିବା ଜଂଗଲ ଜମିରେ ବସବାସ କରୁଥିବା ବିଶ ମୁଣ୍ଡା ଓ ତାଙ୍କ ପୁଅମାନଙ୍କୁ ଘର ଛାଡ଼ିବାକୁ ଲଖନପୁର ତହସିଲଦାର ନୋଟିସ୍ ଦେଇଛନ୍ତି। ଅପରପକ୍ଷରେ ଜଂଗଲ ଜମିରେ ବେଆଇନ ଭାବେ ଟାୱାର ନିର୍ମାଣ ଘଟନାର ତଦନ୍ତ ପାଇଁ ସମ୍ବଲପୁର(ଉତ୍ତର) ଡିଏଫ୍‌ଓ ଅଶ୍ୱିନୀ କର ବ୍ରଜରାଜନଗର ରେଂଜ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ହୀରାକୁଦ ଜଳଭଣ୍ଡାରର ନିଷିଦ୍ଧାଂଚଳରେ ଇନ୍‌ଟେକ୍ ୱେଲ ନିର୍ମାଣକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦର ସମାଧାନ ଦିଗରେ ପ୍ରଶାସନ ଆଶ୍ଚର୍ଯଜନକ ନିରବତା ଅବଲମ୍ବନ କରିଛି।

ଝାରସୁଗୁଡ଼ା ଜିଲ୍ଲା ଲଖନପୁର ତହସିଲଦାର ତାଙ୍କ ନୋଟିସ୍ ସଂଖ୍ୟା ୨୧୬୨/୫.୬.୨୦୧୩ରେ ବନହରପାଲି ଥାନା ସାହାଜବାହାଲ ମୁଣ୍ଡାପଡ଼ା ନିବାସୀ ବିଶ ମୁଣ୍ଡା ଓ ତାଙ୍କ ତିନିପୁଅ ଯଦୁ ମୁଣ୍ଡା, ମୁନା ମୁଣ୍ଡା ଓ ମୁନୁ ମୁଣ୍ଡାଙ୍କୁ ନୋଟିସ୍ ଦେଇଛନ୍ତି। ନୋଟିସ୍‌ରେ ସେମାନେ ରହୁଥିବା ପ୍ଲଟ ନଂ ୧୮୧କୁ ଶିଳ୍ପ ସ୍ଥାପନା ପାଇଁ ଇନ୍ଦ ବାରାଥକୁ ଲିଜ୍ ଦେବାକୁ

- ବନ ବିଭାଗର ତଦନ୍ତ ଆରମ୍ଭ
- ଘର ଛାଡ଼ିବା ପାଇଁ ଆଦିବାସୀ ପରିବାରଙ୍କୁ ନୋଟିସ୍
- ଜଙ୍ଗଲ ଜମିରେ ନିର୍ମାଣ

ସ୍ଥିର କରିଛନ୍ତି। ଜିଲ୍ଲା ପ୍ରଶାସନ ଏ ସଂପର୍କରେ ରାଜ୍ୟ ସରକାରଙ୍କ ପାଖକୁ ପ୍ରସ୍ତାବ ମଧ୍ୟ ଦେଇଥିବାରୁ ତୁରନ୍ତ ଜାଗା ଛାଡ଼ି ଇନ୍ଦ ବାରାଥ୍‌ର ଥଇଥାନ କଲୋନିକୁ ଚାଲିଯିବାକୁ ନୋଟିସ୍ ଦିଆଯାଇଛି। ଏହି ନୋଟିସ୍ ମିଳିବା ପରେ ମୁଣ୍ଡା ପରିବାର ବିଚଳିତ ହୋଇପଡ଼ିଛନ୍ତି। ଥାଇଥାନ କଲୋନିରେ ଥିବା ଘରଗୁଡ଼ିକ ନିମ୍ନମାନର ହୋଇଥିବା ତଥା ପାଣିର ବ୍ୟବସ୍ଥା ନଥିବାରୁ ଅନିଚ୍ଛା ପ୍ରକାଶ କରିଛନ୍ତି। ଥଇଥାନ କଲୋନିର କୋଠା ନିର୍ମାଣ ପାଇଁ ଖର୍ଚ୍ଚ ବାବଦ ଅର୍ଥ ସହ ଅନ୍ୟତ୍ର ୧୦ ଡିସିମିଲ୍ ଲେଖାଏଁ ୪ଟି ପରିବାରକୁ ଦେବାକୁ ଦାବି କରିଛନ୍ତି।

ଆଗରୁ ମୁଣ୍ଡା ପରିବାର ସେମାନଙ୍କ ଚାଷ ଜମି ଏକର ପ୍ରତି ୧ ଲକ୍ଷ ୬୦ ହଜାର ଟଙ୍କା ଦରରେ କଂପାନିକୁ ବିକି କରିଛନ୍ତି। ବିକ୍ରି ସମୟରେ କଂପାନିର ଦୁଇ ପ୍ରମୁଖ ଅଧିକାରୀ ବର୍ଦ୍ଧିତ ହାରରେ(ଏକର ପିଛା ୭ ଲକ୍ଷ) ଟଙ୍କା ଦରରେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ଉକ୍ତ ଟଙ୍କା ଦିଆଯାଇନାହିଁ। ଏଥିସହ ଯଦୁ ମୁଣ୍ଡାଙ୍କ ପୁଅ ଏବଂ ମୁନୁ ଓ ମୁନାଙ୍କୁ ସ୍ଥାୟୀ ନିଯୁକ୍ତି, ଯଦୁଙ୍କ ଅବିବାହିତ ଝିଅକୁ ବିବାହ ପର୍ଯ୍ୟନ୍ତ ମାସିକ ୪ ହଜାର ଟଙ୍କା ପ୍ରଦାନ, ବିଶଙ୍କୁ ଆଜୀବନ ମାସିକ ୫ ହଜାର ଟଙ୍କା ଲେଖାଏଁ ଦେବାକୁ ଦାବି କରୁଥିବା ବେଳେ ପ୍ରଶାସନ ଏହାକୁ ଏଡ଼େଇ ଯିବାକୁ ଉଦ୍ୟମ କରୁଛି। ଚାଷ ଜମି ଓ ବାସଗୃହ, ସବୁକିଛି ଗରିବ ମୁଣ୍ଡା ପରିବାରଠାରୁ ଛଡ଼େଇ ନେବାକୁ ବସିଥିବା ବେଳେ ସେମାନଙ୍କ ନ୍ୟାୟସଂଗତ ଦାବି ପ୍ରତି ପ୍ରଶାସନ ଆଖିବୁଜି ଦେଇଛନ୍ତି।

# ପୁଣି ଭାଙ୍ଗିଲା ୧୮ ପାନବରଜ





କୁଜଙ୍ଗ,୨୮।୬(ଇମିସ): ପ୍ରସ୍ତାବିତ ପୋସ୍କୋ ଅଞ୍ଚଳର ଗୋବିନ୍ଦପୁର ଗ୍ରାମରେ ପ୍ରଶାସନ ଆଜି ତୃତୀୟ ଦଫାରେ ୧୮ଟି ପାନବରଜ ଭାଙ୍ଗିଛି। କୌଣସ ପୂର୍ବ ସୂଚନା ନଥାଇ ପ୍ରଶାସନ ହଠାତ୍ ଭଙ୍ଗା କାମ ଆରମ୍ଭ କରିଥିବାରୁ ପୋସ୍କୋ ବିରୋଧୀମାନେ ବିରୋଧ କରିପାରି ନାହାନ୍ତି। ଆଜି ପ୍ରଶାସନ ଗୋବିନ୍ଦପୁର ଗାଁର ବାଲାଢିପ ଅଞ୍ଚଳରେ ମୋଟ ୧୮ଟି ପାନବରଜ ଭାଙ୍ଗି ୩୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିଛି । ଆଜି ପ୍ରଶାସନକୁ ବିରୋଧ କରିବାକୁ ଯାଇ ଗୋବିନ୍ଦପୁର ଗାଁର ସ୍ୱଳ୍ପ ସଂଖ୍ୟକ ପୋସ୍କୋ ବିରୋଧୀ ବିଫଳ ହୋଇଛନ୍ତି। ପ୍ରଶାସନିକ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଆଜି ମୋଟ ଅଧିଗୃହୀତ ପାନବରଜ ମଧ୍ୟରୁ ୧୩ଟି ବରଜ ମାଲିକଙ୍କ ସ୍ୱୀକୃତି ନେଇ ଭଙ୍ଗାଯାଇଛି। ଅନ୍ୟ ୫ଟିକୁ ପ୍ରଶାସନ ବଳ ପୂର୍ବକ ଭାଙ୍ଗିଛି। ଏହି ୫ଟି ବରଜ ପାଇଁ ବିରୋଧ କରିବାକୁ ଯାଇ ପାନବରଜ ମାଲିକମାନେ ସଫଳ ହୋଇପାରି ନାହାନ୍ତି। ସେମାନେ ଅସହାୟଭାବେ ବରଜ ଭଙ୍ଗା ଦୃଶ୍ୟକୁ ଦେଖିବା ସାର ହୋଇଛି। ତେବେ କେତେକ ବରଜ ମାଲିକ ପ୍ରଶାସନିକ ଅଧିକାରୀଙ୍କୁ ଠେଲାପେଲା କରିଥିବା ଓ କର୍ମଚାରୀଙ୍କ ନିକଟରୁ ବିଭିନ୍ନ ଉପକରଣ ଛଡାଇ ନେଇଥିବା ଜଣାପଡିଛି । ହେଲେ ପରେ ପ୍ରଶାସନ ସ୍ୱାଭାବିକଭାବେ ପାନବରଜ ଅଧିଗ୍ରହଣ କାର୍ଯ୍ୟ ଚଳାଇଥିଲା ।

### ପୋସ୍କୋ ପାଇଁ ଅଧିଗ୍ରହଣ ଜାରି

ପ୍ରକାଶଯେ,କିଛିଦିନ ତଳେ ପ୍ରଶାସନ ପାନବରଜ ଭଙ୍ଗା କାର୍ଯ୍ୟକୁ ସାମୟିକଭାବେ ବନ୍ଦ ରଖିଥିଲା । ମାତ୍ର ଜିଲ୍ଲାପାଳ ସତ୍ୟ କୁମାର ମଲ୍ଲିକ, ଏସ୍‌ପି ସତ୍ୟବ୍ରତ ଭୋଇ, ଏଡିଏମ ସୁରଜିତ ଦାସ, ଏସଡିପିଓ ଭବାନୀଶଙ୍କର ମିଶ୍ରଙ୍କ ନେତୃତ୍ୱରେ ଆଜି ହଠାତ୍ ବରଜ ଭଙ୍ଗା ଆରମ୍ଭ ହୋଇଥିଲା। କୁଜଙ୍ଗ ତହସିଲଦାର ରବୀନ୍ଦ୍ରନାଥ କହଁର, ଏରସମା ତହସିଲଦାର ତଥା ଭୂଅର୍ଜ୍ଜନ ଅଧିକାରୀ ଶରତଚନ୍ଦ୍ର ପୁରୋହିତ, ତିର୍ତୋଲ ତହସିଲଦାର ପ୍ରଦୀପ କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଦଳ ଗୋବିନ୍ଦପୁର ଗ୍ରାମର ବାଲାଢିପ ଅଞ୍ଚଳକୁ ପାନବରଜ ଭାଙ୍ଗିବାକୁ ଯାଇଥିଲେ। ଧରଣୀ ପାତ୍ର, ସନାତନ ମହାନ୍ତି, ପ୍ରବୀର ସାହାଣୀ, ସୁଧୀର ସାହାଣୀ, ବୈକୁଣ୍ଠ ମହାନ୍ତି, କେଦାର ସାହାଣୀ, ପ୍ରଭାକର ମହାନ୍ତି, ବୈରାଗୀ ମହାନ୍ତି, ବାବୁଲି ମହାନ୍ତି, ରବି ମହାନ୍ତି, ସଞ୍ଜୁକ୍ତା ଦାସ ପ୍ରମୁଖ ଙ୍କ ୧୮ ଟି ପାନବରଜ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ତେବେ ଏଥିମଧ୍ୟରୁ ସନାତନ ମହାନ୍ତି, ବୈକୁଣ୍ଠ ମହାନ୍ତି, ପ୍ରଭାକର ମହାନ୍ତିଙ୍କ ପାଞ୍ଚଟି ବରଜ ଜୋର ଜବରଦସ୍ତ ଭଙ୍ଗା ଯାଇଛି। ଏହାକୁ ବିରୋଧ କରି କେତେକ ବିରୋଧୀ ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ସୂଚନାଯୋଗ୍ୟ ତିନି ଦଫାରେ ପ୍ରଶାସନ ଗୋବିନ୍ଦପୁର ଗାଁରୁ ମୋଟ ୩୬୫ଟି ପାନବରଜ ଅଧିଗ୍ରହଣ କରି କ୍ଷତିପୂରଣ ବାବଦକୁ ମୋଟ ୪ କୋଟି ୭୫ ଲକ୍ଷ ଟଙ୍କା ପ୍ରଦାନ କରିଛି। ଆଉ ୬୨ଟି ବରଜ ଅଧିଗ୍ରହଣ କରିବା ବାକି ରହିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଆସନ୍ତା କାଲି ମଧ୍ୟ ଅଧିଗ୍ରହଣ ଅଭିଯାନ ଜାରି ରହିବ ବୋଲି ପ୍ରଶାସନିକ ସୂତ୍ରରୁ ଜଣାପଡ଼ିଛି।

## ପୋସ୍କୋ ପାଇଁ ବଳପୂର୍ବକ ପାନବରଜ ଅଧିଗ୍ରହଣ

# ପୁଲିସ ଲାଠିମାଡ଼, ୧୩ ଆହତ





କୁଜଙ୍ଗ,୨୯।୬(ଇମିସ): ଆଜି ଦ୍ୱିତୀୟ ଦିନ ପାଇଁ ପ୍ରସ୍ତାବିତ ପୋସ୍କୋ ଅଞ୍ଚଳରେ ଜିଲ୍ଲା ପ୍ରଶାସନ ପୁଲିସ ଲଗାଇ ପାନବରଜ ଅଧିଗ୍ରହଣ କରିଛି । ପାନବରଜ ମାଲିକମାନେ ସେମାନଙ୍କ ପାନବରଜ ନଭାଙ୍ଗିବାକୁ ପ୍ରଶାସନକୁ ହାତ ଗୋଡ ଧରି ଯେତେ କାକୁତି ମିନତି ହୋଇଥିଲେ ମଧ୍ୟ ପ୍ରଶାସନ ସେମାନଙ୍କର କୌଣସି କଥା ଶୁଣି ନଥିଲା । ବରଂ ପ୍ରଶାସନ ପୁଲିସ ଲଗାଇ ସେମାନଙ୍କ ଉପରେ ଜୁଲମ ଚଳାଇଥିଲା । ପୁଲିସ ଲାଠିମାଡରେ ୧୩ରୁ ଅଧିକ ଆହତ ହୋଇଛନ୍ତି। ଆଉ ଜଣେ ବ୍ୟକ୍ତିଙ୍କୁ ମାଡ ମାରିବା ବେଳେ ପୁଲିସ ଲାଠି ଭାଙ୍ଗିଯାଇଥିଲା। ପ୍ରଶାସନ ଆଜି ମୋଟ ୩୯ଟି ପାନବରଜ ଅଧିଗ୍ରହଣ କରିଥିବା ବେଳେ କ୍ଷତିପୂରଣ ବାବଦକୁ ମୋଟ ୫୩ ଲକ୍ଷ ୮୯ ହଜାର ଟଙ୍କା ପ୍ରଦାନ କରିଛି । ଅନ୍ୟପକ୍ଷରେ ପ୍ରଶାସନ ପୁଲିସ ଲଗାଇ ବଳପୂର୍ବକ ମୋଟ ଛଅଟି ପାନବରଜ ଅଧିଗ୍ରହଣ କରିଥିବା ନିଜ ପକ୍ଷରୁ ପ୍ରକାଶ କରିଛି । ଗତକାଲି ଶୁକ୍ରବାର ଦିନ ପ୍ରଶାସନ ପୁଲିସ ଦ୍ୱାରା ଲାଠି ଚାର୍ଜକରାଇ ୧୮ଟି ପାନବରଜ ଅଧିଗ୍ରହଣ କରିଥିବା ବେଳେ ଆଜି ଦ୍ୱିତୀୟ ଦିନରେ ବଳପୂର୍ବକ ପାନବରଜ ଅଧିଗ୍ରହଣ କରିଛି। ଗୋବିନ୍ଦପୁର ଗ୍ରାମରେ ପ୍ରଶାସନ ଲୋକମାନଙ୍କ ଇଛା ଅନୁଯାୟୀ ପାନବରଜ ଅଧିଗ୍ରହଣ କରାଯାଉଥିବା ବାରମ୍ବାର କହୁଥିବାବେଳେ ଆଜି ଏହା ମିଥ୍ୟା ବୋଲି ପ୍ରମାଣିତ ହୋଇଛି । ଆଉ ମାତ୍ର ୩୦ଟି ପାନବରଜ ଅଧିଗ୍ରହଣ କରିବାକୁ ବାକି ରହିଛି। ଆସନ୍ତା ଦିନେ କିମ୍ବା ଦୁଇଦିନ ମଧ୍ୟରେ ଏହି କାର୍ଯ୍ୟ ଶେଷ କରାଯିବ ବୋଲି ଭୂଅର୍ଜ୍ଜନ ଅଧିକାରୀ ଶରତ ଚନ୍ଦ୍ର ପୁରୋହିତ ପ୍ରକାଶ କରିଛନ୍ତି ।

ପ୍ରକାଶ ଯେ ପ୍ରଶାସନ ଦୀର୍ଘ ଅଠର ଦିନର ନିରବତା ପରେ ଗତକାଲି ଶୁକ୍ରବାର ଦିନ ହଠାତ ପ୍ରସ୍ତାବିତ ପୋସ୍କୋ ଅଞ୍ଚଳର ଗୋବିନ୍ଦପୁର ଗ୍ରାମକୁ ପାନବରଜ ଅଧିଗ୍ରହଣ କରିବାକୁ ଯାଇଥିଲା । ମୋଟ ଅଧିଗୃହୀତ ୧୮ ପାନବରଜ ମଧ୍ୟରୁ ପାଞ୍ଚଟିକୁ ବଳପୂର୍ବକ ଅଧିଗ୍ରହଣ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି । ଆଜି ସକାଳେ ପ୍ରଶାସନ ଗୋବିନ୍ଦପୁର ଗ୍ରାମର ବାଲାଢିପରେ ପହଞ୍ଚି ପାନବରଜ ଅଧିଗ୍ରହଣ କାର୍ଯ୍ୟ ଆରମ୍ଭ କରିଥିଲା । ପ୍ରଥମେ କେତୋଟି ପାନବରଜ ସ୍ୱାଭାବିକ ଭାବେ ମାଲିକମାନଙ୍କ ଇଛା ଅନୁଯାୟୀ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ପୋସ୍କୋ ବିରୋଧୀଙ୍କ ପକ୍ଷରୁ ପ୍ରବଳ ବିରୋଧ କରାଯାଇଥିଲ॥ ଏପରିକି ପୋସ୍କୋ ବିରୋଧୀଙ୍କ ମଧ୍ୟରୁ କଳ୍ପତରୁ ମନ୍ତ୍ରୀ ପ୍ରଶାସନକୁ ପାନବରଜ ଭାଙ୍ଗିବାକୁ ବିରୋଧ କରିବାରୁ ପୁଲିସ ତାଙ୍କ ଉପରେ ଲାଠି ପ୍ରହାର କରିଥିଲା । ଲାଠିର ମାଡ଼ ଏତେ ପ୍ରଖର ଥିଲା ଯେ ଲାଠିଟି ଭାଙ୍ଗିଯାଇଥିଲା । ତଥାପି ପ୍ରଶାସନର କ୍ରୋଧ ଶାନ୍ତି ହୋଇନଥିଲା। ପୁଲିସ ମାଡରେ ଲହୁଲୁହାରଣ ହୋଇଥିବା କଳ୍ପତରୁଙ୍କୁ ଗିରଫ କରାଯାଇଥିଲା । ପରେ ପୋସ୍କୋ ବିରୋଧୀମାନେ ମିଳିତ ଭାବେ ଏହାର ବିରୋଧ କରିଥିଲେ । କିନ୍ତୁ ପ୍ରଶାସନ ସେମାନଙ୍କ ଅଭିଯୋଗ ନଶୁଣି କିମ୍ବା ସେମାନଙ୍କ ସହିତ କୌଣସି ଆଲୋଚନା ନକରି ଲାଠି ପ୍ରହାର ଆରମ୍ଭ କରିଥିଲା । ଲାଠି ମାଡରେ ରମେଶ ମହାନ୍ତି, ଟୁନା ବରାଳ, ଦୁର ବେହେରା, ଭ୍ରମରବର ଦାସ, ବିଭୁନା ମହାନ୍ତି, ସର୍ବେଶ୍ୱର ସ୍ୱାଇଁ, ବଚନ ମହାନ୍ତି, ଟୁକୁନୀ ବେହେରା, ଶାନ୍ତିଲତା ସାମଲ, ଯୁଧିଷ୍ଠିର ମହାନ୍ତି, ସୌର ବେହେରା, ରବି ବରାଳ ପ୍ରମୁଖ ଆହତ ହୋଇଛନ୍ତି। ଏହି ସମୟରେ ବିରୋଧୀମାନେ କେବଳ ନିରବଦ୍ରଷ୍ଟା ସାଜିଥିଲେ। ଏହି ମଉକାରେ ପ୍ରଶାସନ ଗୋଟିଏ ପରେ ଗୋଟିଏ ପାନବରଜ ଭାଙ୍ଗିଚାଲିଥିଲା । ଏହିପରି ଭାବେ ପ୍ରଶାସନ ଆଜି ରେକର୍ଡ ସଂଖ୍ୟକ ୩୯ଟି ପାନବରଜ ଭାଙ୍ଗିଛି ।

ଆଜି ଏବଂ ଗତକାଲି ପ୍ରଶାସନ ଯେଉଁଭଳି ଭାବେ ପୋସ୍କୋ ବିରୋଧୀ ମାନଙ୍କ ଉପରେ ବଳ ପ୍ରୟୋଗକରି ପାନବରଜ ଅଧିଗ୍ରହଣ କଲା ତାକୁ ପୋସ୍କୋ ବିରୋଧୀ ନେତା ପ୍ରକାଶ ଜେନା ତୀବ୍ର ନିନ୍ଦା କରିଛନ୍ତି । ସେ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଯେ ପାନବରଜ ଭାଙ୍ଗିଦେଲେ ପୋସ୍କୋ ପ୍ରତିଷ୍ଠା ହୋଇଯିବ ନାହିଁ । ଆଗାମୀ ଦିନରେ ପୋସ୍କୋର ସମସ୍ତ ପ୍ରକାର କାର୍ଯ୍ୟକୁ ତୀବ୍ର ବିରୋଧ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି ।ଆଜି ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସତ୍ୟକୁମାର ମଲ୍ଲିକ,ଏସ୍‌ପି ସତ୍ୟବ୍ରତ ଭୋଇ, ପାରାଦୀପ ଏଡିଏମ ସୁରଜିତ ଦାସ, ଏସ୍‌ଡିପିଓ ଭବାନୀଶଙ୍କର ମିଶ୍ର, କୁଜଙ୍ଗ ତହସିଲଦାର ରବୀନ୍ଦ୍ରନାଥ କହଁର, ତିର୍ତୋଲ ତହସିଲଦାର ପ୍ରଦୀପ କିଶୋର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ସାମ୍ବାଦିକଙ୍କୁ ବଡ଼ ମେଡ଼ିକାଲ୍ ମନା

# ମାନବାଧିକାର କମିସନ୍‌ରେ ମାମଲା

କଟକ,୨୯।୬(ଇମିସ): କଟକ ବଡ଼ ମେଡିକାଲ୍‌ରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରବେଶ ଉପରେ ଅଧୀକ୍ଷକ ଜାରି କରିଥିବା କଟକଣାକୁ ଚାଲେଞ୍ଜ କରି ରାଜ୍ୟ ମାନବାଧିକାର କମିସନ୍‌ଙ୍କ ନିକଟରେ ଆଜି ପିଟିସନ୍ ରୁଜୁ ହୋଇଛି। ମେଡିକାଲ୍ ଅଧୀକ୍ଷକଙ୍କ ଏତାଦୃଶ କଟକଣା ଗଣମାଧ୍ୟମ ପ୍ରତିନିଧିଙ୍କ ମାନବିକ ଓ ମୌଳିକ ଅଧିକାରର ଉଲ୍ଲଂଘନ ବୋଲି ଅଭିଯୋଗ କରି ସାମ୍ବାଦିକ ବିରଞ୍ଚି ନାରାୟଣ ପତ୍ରୀ ରାଜ୍ୟ ମାନବାଧିକାର କମିସନ୍‌ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନଙ୍କ ଅଧିକାରର ସୁରକ୍ଷା ପାଇଁ ଅଧୀକ୍ଷକଙ୍କ ଏତାଦୃଶ କଟକଣା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

ଆବେଦନକାରୀ ଶ୍ରୀ ପତ୍ରୀ ନିଜ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ଗଣମାଧ୍ୟମ ପ୍ରତିନିଧିଙ୍କ କାରଣରୁ ବଡ ମେଡ଼ିକାଲର ବିଭିନ୍ନ ସମସ୍ୟା ସଂପର୍କରେ ସରକାର ଓ ଜନସାଧାରଣ ଅବଗତ ହୋଇପାରୁଛନ୍ତି। ମେଡିକାଲର ଉନ୍ନତିକରଣରେ ଏହା ସହାୟକ ହେଉଛି। କେବଳ ସେତିକି ନୁହେଁ, ଗଣମାଧ୍ୟମ କାରଣରୁ ରୋଗୀମାନଙ୍କୁ ଉପଯୁକ୍ତ ସେବା ମିଳିବା ସହ ସ୍ୱାସ୍ଥ୍ୟସେବାରେ ସୁଧାର ଆସୁଛି। କିନ୍ତୁ ମେଡ଼ିକାଲ୍ ଅଧୀକ୍ଷକ ନିଜ କ୍ଷମତାର ଅପବ୍ୟବହାର କରି ବଡ଼ ମେଡ଼ିକାଲ୍‌କୁ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରବେଶ ବନ୍ଦ କରାଇ ଦେଇଛନ୍ତି। ବିନା ଅନୁମତିରେ ସାମ୍ବାଦିକମାନେ ମେଡିକାଲ୍‌ରେ ପ୍ରବେଶ କରିପାରିବେ ନାହିଁ ବୋଲି ଅଧୀକ୍ଷକ ଯେଉଁ ନିର୍ଦ୍ଦେଶନାମା ଜାରି କରିଛନ୍ତି ତାହା ବେଆଇନ ଓ ଅଯଥାର୍ଥ ହୋଇଥିବାର କମିସନ୍ ଏଥିରେ ହସ୍ତକ୍ଷେପ କରନ୍ତୁ ବୋଲି ଆବେଦନକାରୀ ପ୍ରାର୍ଥନା କରିଛନ୍ତି। ଏଥିସହ ବିଭିନ୍ନ ରାଜନୈତିକ ସଂଗଠନ ପକ୍ଷରୁ ମଧ୍ୟ ମେଡିକାଲ କର୍ତ୍ତୃପକ୍ଷଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରାଯାଇଛି।

ଅନ୍ୟପକ୍ଷରେ ସ୍ୱାସ୍ଥ୍ୟମନ୍ତ୍ରୀ ଦାମୋଦର ରାଉତଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ଏ ଘଟଣା ସଂପର୍କରେ ପଚାରିବାରୁ ସେ କହିଛନ୍ତି କ'ଣ ହୋଇଛି ସେ ଜାଣିନାହାନ୍ତି। ଘଟଣା ସଂପର୍କରେ ଅନୁଧ୍ୟାନ କରିବା ପରେ ସେ ଯାହା କିଛି କରିବେ। ତେବେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ଏହି ନିର୍ଦ୍ଦେଶ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି।

All the News are collected From Odia Daily Sambad

***Compiled by – Ranjit Sutar, CSNR, VIM-489, Sailashree Vihar, Bhubaneswar -21, Odisha, Email: csnrorissa@gmail.com, Ph: 0674-2741557.***